୬ ଇଂଲଣ୍ଡ ବିପକ୍ଷରେ ଖେଳିବେନି ବୁମ୍ରା, ସିରାଜ, ଶାମି ଓ ମୟଙ୍କ ଯାଦବ!




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୩୪୪ ● ୧୨ ଜାନୁଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -31 ● Issue-344 ● 12th January 2025, Sunday ● Bhubaneswar | Licensed to post without pre-payment of postage No- BN-60/25-27

## ରାଜ୍ୟର ପ୍ରଥମ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ

କଟକ, ୧୧।୧
ନ୍ୟୁଜ୍ ବ୍ୟୁରୋ



ରାଜ୍ୟର ପ୍ରଥମ ନ୍ୟାୟିକ ଅଭିଲେଖାଗାରକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। କଟକସ୍ଥିତ ଜୁଡ଼ିସିଆଲ ଏକାଡେମୀ ନିକଟରେ ନିର୍ମିତ ହୋଇଥିବା ଏହି ଅଭିଲେଖାଗାରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକାର୍ପିତ କରିଛନ୍ତି। ଏହି ଅଭିଲେଖାଗାରରେ ରାଜ୍ୟର ନ୍ୟାୟିକ ଇତିହାସ, ନ୍ୟାୟ ବ୍ୟବସ୍ଥାର କ୍ରମ ବିକାଶ ଏବଂ ନ୍ୟାୟପାଳିକା ବାବଦୀୟ ପ୍ରାୟ ତଥ୍ୟ ଉପଲବ୍ଧ ହୋଇଛି। ଏହି ଅଭିଲେଖାଗାରରେ ଉପଲବ୍ଧ ସମସ୍ତ ତଥ୍ୟକୁ ବିଭିନ୍ନ ଫର୍ମାଟରେ ଦେଖି ହେବ, ବୁଝିହେବ ଏବଂ ଶୁଣି ହେବ। ଅଭିଲେଖାଗାରରେ ୧୮୦୪ ମସିହା ଠାରୁ ଆରମ୍ଭ କରି ବର୍ତ୍ତମାନ ସମୟର ଦସ୍ତାବିଜ ଆଦି ସଂରକ୍ଷିତ କରି ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଏହି ଅଭିଲେଖାଗାରରେ ସଂରକ୍ଷିତ ହୋଇଥିବା ଦସ୍ତାବିଜଗୁଡ଼ିକ ଗବେଷକ, ଐତିହାସିକ ଏବଂ ଇତିହାସ ପ୍ରେମୀଙ୍କ ପାଇଁ ଏହା ବେଶ୍ ଉପାଦେୟ ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଏହି କେନ୍ଦ୍ର କେବଳ ଆମ ନ୍ୟାୟ ପାଳିକାର ସମୃଦ୍ଧ ପରମ୍ପରାକୁ ପାଳନ କରୁନାହିଁ ବରଂ ଆଗାମୀ ପିଢି ପାଇଁ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଆମ ସାମୂହିକ ପ୍ରତିବଦ୍ଧତାକୁ ଦର୍ଶାଉଛି। ଭାରତୀୟ ନ୍ୟାୟ ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ, ଭାରତର ଗଣତନ୍ତ୍ର ଏବଂ ନିରପେକ୍ଷ ନ୍ୟାୟ ପାଳିକା ପାଇଁ ଦେଶ ଆଜି ସମଗ୍ର ବିଶ୍ୱରେ ସମ୍ମାନର ଅଧିକାରୀ ହୋଇପାରିଛି। ଆମର ନ୍ୟାୟପାଳିକା ବ୍ୟବସ୍ଥାକୁ ନେଇ ଆମେ ସମସ୍ତେ ଗର୍ବିତ। ନ୍ୟାୟ ବ୍ୟବସ୍ଥାକୁ ଆହୁରି ତ୍ୱରିତ କରିବା ପାଇଁ ୧୫୦ ବର୍ଷର ବ୍ରିଟିଶ ଆଇନକୁ ବିଦାୟ ଦେଇ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ଅଧିନିୟମର ପ୍ରଣୟନ କରାଯାଇଛି। ଏହାଦ୍ୱାରା ଲୋକଙ୍କୁ ଉଚିତ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଉଛି। ରାଜ୍ୟରେ ନ୍ୟାୟ ବ୍ୟବସ୍ଥା ଏବଂ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଲୋକଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି।

ସେ କହିଥିଲେ ଯେ ଭୁବନେଶ୍ୱର ଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅତ୍ୟାଧୁନିକ ଜିଲ୍ଲା ନ୍ୟାୟ ପରିସରର ଶୁଭ ଉଦ୍‌ଘାଟନ କରାଯାଇଛି। *(ପୃଷ୍ଠା ୭ରେ)*

## ସୁଭଦ୍ରା'ରେ ପୁନଃ ସାମିଲ ହେଲେ ୮ ହଜାରରୁ ଅଧିକ ଆବେଦନକାରୀ

ଭୁବନେଶ୍ୱର, ୧୧।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଆକାଂକ୍ଷୀ ଯୋଜନା 'ସୁଭଦ୍ରା' ନେଇ ବଡ଼ ଖବର ଆସିଛି। ଭୁଲରେ ବାଦ୍ ପଡ଼ିଥିବା ମହିଳାମାନେ ଏହି ଯୋଜନା ସହିତ ପୁଣି ଯୋଡ଼ି ହୋଇପାରିବେ। ରାଜ୍ୟ ସରକାର ଏନେଇ ସୂଚନା ଦେଇଛନ୍ତି। ରାଜ୍ୟ ସରକାର କହିଛନ୍ତି ଯେ, ସୁଭଦ୍ରା ପୋର୍ଟାଲରେ ନାମ ଯୋଡ଼ିବା ସୁବିଧା ଉପଲବ୍ଧ କରାଯାଇଛି। ଏହା ଦ୍ୱାରା ଯେଉଁମାନଙ୍କ ନାମ ଭୁଲରେ ବାଦ ହୋଇଯାଇଥିଲା ସେମାନେ ପୁନର୍ବାର ସୁଭଦ୍ରାରେ ସାମିଲ ହେବାର ସୁଯୋଗ ପାଇପାରିବେ।

ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏପର୍ଯ୍ୟନ୍ତ ପ୍ରାୟ ୮୦୦୦ରୁ ଅଧିକ ଆବେଦନକାରୀ ସୁଭଦ୍ରାରେ ପୁନଃସାମିଲ ହୋଇସାରିଛନ୍ତି। ତେଣୁ ଯେଉଁମାନଙ୍କ ନାମ ଭୁଲରେ ବାଦ ହୋଇଯାଇଥିଲା, ସେମାନେ ଏହାର ସୁବିଧା ନେବାକୁ ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ ସୂଚନା ଦିଆଯାଇଛି।

ସେହିପରି ଖୁବ ଶୀଘ୍ର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯିବ ବୋଲି



ରାଜ୍ୟ ସରକାର ସୂଚନା ପ୍ରଦାନ କରିଛନ୍ତି। ହେଲେ ଏବେ ବି ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କର ଇ-କେୱାଇସି କରିନାହାନ୍ତି ଅବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି। ଯୋଗ୍ୟ ବିବେଚିତ ହେଲେ ମଧ୍ୟ ସେମାନେ *(ପୃଷ୍ଠା ୭ରେ)*

## ଅଣରାଜସ୍ୱ କାମ କରିବେ ନାହିଁ ରାଜସ୍ୱ ଅଧିକାରୀ



ଭୁବନେଶ୍ୱର, ୧୧।୧ : ନ୍ୟୁଜ୍ ବ୍ୟୁରୋ

ରାଜସ୍ୱ ଅଧିକାରୀମାନଙ୍କୁ ଏଣିକି ଅଣରାଜସ୍ୱ କାମ କରିବାକୁ ପଡିବ ନାହିଁ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ଅନେକ ସଂସ୍କାର କରିବାର ଆବଶ୍ୟକତା ଅଛି। ରାଜସ୍ୱ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ମାନେ ବିଭାଗ ପ୍ରତି କେମିତି ସଂପୂର୍ଣ୍ଣ ନ୍ୟାୟ କରିପାରିବେ ଓ ଲୋକଙ୍କ ପାଖରେ ସୁଫଳ ପହଞ୍ଚାଇବା ଲାଗି ପ୍ରତିବଦ୍ଧତା ସହ କାମ କରିବେ ସେଥିପାଇଁ ଅନେକ ସଂସ୍କାର ଅଣାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି, ଅନେକ ପୁରୁଣା ଆଇନ ଗୁଡ଼ିକୁ ସଂଶୋଧନ କରାଯିବ ଓ ଅନାବଶ୍ୟକ ଆଇନ ଗୁଡ଼ିକୁ ରଦ୍ଦ କରାଯିବ।

## ଆସାମରେ ପଶିଲା ଏଚ୍‌ଏମ୍‌ପିଭି, ୧୦ ମାସର ଶିଶୁ ସଂକ୍ରମିତ

ଗୌହାଟୀ, ୧୧।୧

ଚାଇନାରେ ଆତଙ୍କ ଖେଳାଇଥିବା ଏଚଏମପିଭି ଆସାମରେ ପ୍ରବେଶ କରିଛି। ରାଜ୍ୟର ଜଣେ ୧୦ ମାସର ଶିଶୁ ଏହି ଭାଇରସରେ ସଂକ୍ରମିତ ହୋଇଛି। ଆସାମରେ ଏଚଏମପିଭିରେ କେହି ସଂକ୍ରମିତ ହେବା ଚଳିତ ଋତୁରେ ପ୍ରଥମ ଘଟଣା।

୧୦ ମାସର ଶିଶୁ ସଂକ୍ରମିତ ହେବା ପରେ ତା'କୁ ଡିବ୍ରୁଗଡ଼ରେ ଥିବା ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଚିକିତ୍ସା ଯୋଗାଇ ଦିଆଯାଉଛି। ତା'ର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

ଆସାମ ମେଡିକାଲ କଲେଜର



ସୁପରିନ୍‌ଟେଣ୍ଡେଣ୍ଟ ଡାକ୍ତର ଧ୍ରୁବଜ୍ୟୋତି ଭୂୟାଁ କହିଛନ୍ତି, ଥଣ୍ଡା ଜନିତ ଲକ୍ଷଣ ଥାଇ ଶିଶୁଟି ୪ ଦିନ ତଳେ ହସ୍ପିଟାଲକୁ ଆସିଥିଲା। ଆମେ ତା'ର ନମୁନା *(ପୃଷ୍ଠା ୭ରେ)*

## ଆମେ ଧରିତ୍ରୀର ମାଲିକ ନୁହେଁ ବରଂ ସଂରକ୍ଷକ ଅଟୁ : କେନ୍ଦ୍ରମନ୍ତ୍ରୀ ଶେଖାୱତ

କୋଲକାତା, ୧୧।୧

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ଦୂରଦର୍ଶୀ ନୀତିର ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ମାନକ ଉପରେ, ଭାରତ ନିଜର ଲକ୍ଷ୍ୟ ଉପରେ ତିଷ୍ଠି ରହିବ ଏବଂ ପ୍ରତି ଅବସ୍ଥାରେ ଏହାକୁ ସୁନିଶ୍ଚିତ କରିବ। କେନ୍ଦ୍ର ମନ୍ତ୍ରୀ ଶନିବାର କୋଲକାତାର ସାଇନ୍ସ ସିଟିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶେଖାୱତ କହିଛନ୍ତି ଯେ, ଗତ ଏକ ଦଶନ୍ଧିରେ ଭାରତରେ ଯେତିକି ବଡ



ବସ୍ତରରେ ବୃକ୍ଷରୋପଣ ଓ ସବୁଜ କାର୍ଯ୍ୟ ହୋଇଛି, ତାହା ବିଶ୍ୱର କିଛି ଦେଶରେ ଦେଖିବାକୁ ମିଳିଥାଏ । ଏହାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡିବ ।

ସେ କହିଛନ୍ତି ଯେ, ପରିବେଶ ସନ୍ତୁଳନ ବିଗିଡିଲେ କେବଳ ତାପମାତ୍ରାରେ ବୃଦ୍ଧି, ସମୁଦ୍ରସ୍ତରର ବୃଦ୍ଧି ଓ ଅନିୟମିତ ବର୍ଷା ପରି ବିପଦ ଆସେନି ବରଂ ଶତ୍ରୁଙ୍କ ଚକ୍ରରେ ବି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଏହି ପରିବର୍ତ୍ତନ ପୂରା ମାନବ ଜାତିକୁ ପ୍ରଭାବିତ କରିଥାଏ । ସେ ଚେତାଇଛନ୍ତି ଯେ, ବିଜ୍ଞାନ ଓ ଟେକ୍ନୋଲୋଜି ଜରିଆରେ ପ୍ରକୃତି ଉପରେ ବିଜୟ ପାଇବାକୁ ଉଦ୍ୟମ କରାଯାଇପାରେ କିନ୍ତୁ ପରିବେଶ ଅସନ୍ତୁଳନ ମାନବ ଅସ୍ତିତ୍ୱ ଉପରେ ସଙ୍କଟ ଆଣିଥାଏ ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଆତ୍ମସମର୍ପଣ କଲେ ୨ ମହିଳାଙ୍କ ସମେତ ୯ ଦୁର୍ଦ୍ଦାନ୍ତ ନକ୍ସଲ




ମାଲକାନଗିରି, ୧୧।୧ : ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସ ନିକଟରେ ୨ ଜଣ ମହିଳା ମାଓବାଦୀଙ୍କ ସମେତ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ୨ ଜଣ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଏବଂ ୪ ଜଣ ମାଓବାଦୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ତେବେ ୯ ଜଣ ନକ୍ସଲଙ୍କ ଉପରେ ମୋଟ ୪୩ ଲକ୍ଷ ଟଙ୍କାର ପୁରସ୍କାର *(ପୃଷ୍ଠା ୭ରେ)*

## ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି ନିଜେ ଦୁର୍ନୀତିଗ୍ରସ୍ତ ହୋଇଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୧।୧

ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ବିଜେପି ଓ ଆମ୍ ଆଦମୀ ପାର୍ଟି (ଆପ୍) ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହେବାରେ ଲାଗିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ବର୍ଷିଛନ୍ତି। ବସ୍ତିବାସିନ୍ଦାଙ୍କ ଏକ ସମ୍ମିଳନୀକୁ ସମ୍ବୋଧିତ କରି ଶାହା ଦିଲ୍ଲୀବାସୀଙ୍କୁ କହିଛନ୍ତି, ମୁଁ ଆଜି ଏଠାକୁ ଆସି ଆପଣଙ୍କୁ କହିଛି ଯେ ଆପଣମାନେ ଦିଲ୍ଲୀର ମୁକ୍ତିଦାତା ହୋଇପାରିବେ। ଫେବ୍ରୁଆରୀ ୫ ହେଉଛି ଦିଲ୍ଲୀର ବିପର୍ଯ୍ୟୟ ମୁକ୍ତି ଦିବସ। ମୁଁ କହୁଛି ଆପ୍ ଦିଲ୍ଲୀ ପାଇଁ ଏକ ବିପର୍ଯ୍ୟୟ



ପାଲଟିଛି କିନ୍ତୁ ଅରବିନ୍ଦ କେଜ୍ରିୱାଲ ଆପ୍ ପାଇଁ ଏକ ବିପର୍ଯ୍ୟୟ ପାଲଟିଛନ୍ତି କାରଣ କେଜ୍ରିୱାଲ ଏବଂ ସିସୋଦିଆ ଯେଉଁଠି ଯାଆନ୍ତି, ଦିଲ୍ଲୀବାସୀ ମଦ ବୋତଲ ଦେଖନ୍ତି । '

କେଜ୍ରିୱାଲଙ୍କୁ ଟାର୍ଗେଟ କରି ସେ ଆହୁରି କହିଛନ୍ତି, ଯେଉଁମାନେ ଆନ୍ନାଙ୍କ ଭଳି ସାଧୁ ବ୍ୟକ୍ତିଙ୍କୁ ସାମ୍ନାରେ ରଖି ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି କ୍ଷମତାକୁ ଆସିଛନ୍ତି, ଆଜି ସେହି ଲୋକମାନେ ଏତେ ଦୁର୍ନୀତି କରିଛନ୍ତି ଯେ ସେମାନେ ଦେଶର ସମସ୍ତ ସରକାରଙ୍କ ଦୁର୍ନୀତିର ରେକର୍ଡ ଭାଙ୍ଗିଦେଇଛନ୍ତି।

ସେ କହିଛନ୍ତି, "ଫେବ୍ରୁଆରୀ ୫ ଦୁର୍ନୀତି ଓ ଦୂଷିତ ପାଣିରୁ ମୁକ୍ତି ପାଇବାର ଦିନ, ଫେବ୍ରୁଆରୀ ୫ ହେଉଛି ବସ୍ତିବାସୀଙ୍କୁ ଅପରିଷ୍କାର ଓ ଅପରିଷ୍କାର ପାଣିରୁ ମୁକ୍ତ କରିବାର ଦିନ, ଫେବ୍ରୁଆରୀ ୫ ହେଉଛି ସମ୍ବେଦନହୀନ ଓ ମିଥ୍ୟା ସରକାରଙ୍କ କବଳରୁ ମୁକ୍ତିର ଦିନ।''

## ଆଜି ଜାରି ରହିବ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, ୧୧।୧ : ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରର ଏକାମ୍ର କାନନସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ଆୟୋଜିତ ବାର୍ଷିକ ପୁଷ୍ପ ପଦର୍ଶନୀ ଶନିବାର ଶେଷ ହେବାର ଥିଲେ ମଧ୍ୟ ରାଜ୍ୟ ସରକାର ଏହି ପ୍ରଦର୍ଶନୀକୁ ଆହୁରି ଗୋଟିଏ ଦିନ ବଢ଼ାଇ ଦେଇଛନ୍ତି। ଏଠାକୁ ଆସୁଥିବା ଦର୍ଶକଙ୍କ ଚାହିଦାକୁ ଗୁରୁତ୍ୱ ଦେଇ ସରକାର ଏହି ପ୍ରଦର୍ଶନୀକୁ ଜାନୁଆରୀ ୧୨ (ରବିବାର) ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବର୍ଦ୍ଧିତ ସମୟ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ୧୨ ତାରିଖ ପର୍ଯ୍ୟନ୍ତ ପୁଷ୍ପ ପ୍ରଦର୍ଶନୀ ଜାରି ରହିବ।

### ଏକାଳ ସକାଳ



କେତେ ଠକ ନରନାରୀ ବାହାରନ୍ତି
କେତେ ଟଙ୍କା ଘର ଗାଡି
ବଡ ବଡ ନୋକ ତାଙ୍କ କବ୍‌ଜାରେ
ଫିଟିବ ଗୁମର ପେଡି
ହେଉଅଛି ତଡାତଡି
କେତେ ଯେ ଆହୁରି ରହସ୍ୟ ଖୋଲିବ
ଲେଖାହେବ କେତେ ଧାଡି।

## ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠାର ବର୍ଷ ପୂର୍ତ୍ତି : ହେଲା ରାମଲଲାଙ୍କ ମହାଭିଷେକ



ନୂଆଦିଲ୍ଲୀ, ୧୧।୧

ଅଯୋଧାରେ ରାମଲଲାଙ୍କ ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଛି । ଏଥିଲାଗି ପୂରା ସଜେଇ ହୋଇଛି ଅଯୋଧ୍ୟାନଗରୀ। ରାମ ମନ୍ଦିରରେ ଯଜ୍ଞ ହୋମର ଆୟୋଜନ କରାଯାଇଥିବାବେଳେ ମନ୍ଦିରକୁ ୫୦ କ୍ୱିଣ୍ଟାଲ ଫୁଲରେ ସଜା ଯାଇଛି। ସକାଳ ୧୦ଟାରେ ରାମଲଲାଙ୍କ ଅଭିଷେକ ଏବଂ ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଶନିବାର ସକାଳ ୧୧ଟାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ରାମଲଲାଙ୍କ ମନ୍ଦିରରେ ପହଞ୍ଚିଥିଲେ। ପ୍ରାୟ ଦୁଇ ହଜାର ସାଧୁ ସନ୍ଥ ବିଭିନ୍ନ ସ୍ଥାନରୁ ଆସି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୧୨ ଟା୨୦ରେ ମହାଆଳତୀ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମିଲ ହୋଇ ପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସେପଟେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ବର୍ଷପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଦେଶବାସୀଙ୍କୁ ଶୁଭ କାମନା ଜଣାଇଛନ୍ତି ଏବଂ କହିଛନ୍ତି ଏହି ଦିବ୍ୟ ରାମ ମନ୍ଦିର ବିକଶିତ ଭାରତର ସଂକଳ୍ପ ସିଦ୍ଧ କରିବାକୁ ପ୍ରେରଣା *(ପୃଷ୍ଠା ୭ରେ)*

## ଆଜିଠୁ ଘନ କୁହୁଡି : ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୧।୧
ନ୍ୟୁଜ୍ ବ୍ୟୁରୋ

ରବିବାରଠାରୁ ରାଜ୍ୟରେ ଘନ କୁହୁଡି କଲବଲ କରିବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଦେଖାଯିବନି ରାସ୍ତା। ୧୪ ତାରିଖ ପର୍ଯ୍ୟନ୍ତ କୁହୁଡିର ପ୍ରଭାବ ରହିବ। ଏନେଇ ୯ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସୁନ୍ଦରଗଡ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ ଏବଂ କୋରାପୁଟ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୫୦ ମିଟର ତଳକୁ ଖସିଆସିବ ଦୃଶ୍ୟମାନ କ୍ଷମତା।



କିଛି ସ୍ଥାନରେ ଜିରୋ ଭିଜିବିଲିଟି ଅବସ୍ଥା ସୃଷ୍ଟି ହୋଇପାରେ ।

ଏହାସହ ଝାରସୁଗୁଡା, ପୁରୀ, ସମ୍ବଲପୁର, କଳାହାଣ୍ଡି, ଯାଜପୁର, ଭଦ୍ରକ, ଗଞ୍ଜାମ, ଗଜପତି, ଜଗତସିଂହପୁର ଏବଂ କେନ୍ଦ୍ରାପଡାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜାନୁଆରୀ ୨୦୨୫ ରବିବାର





## ସିଂହନାଥ ପୀଠରେ ମକର ମେଳା:ପୋଲିସ ପକ୍ଷରୁ କଟକଣା ଜାରି

**କଟକ, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆସନ୍ତା ମକର ସଂକ୍ରାନ୍ତି ଅବସରରେ ଜାନୁଆରୀ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆଠଗଡ ସ୍ଥିତ ପ୍ରଭୁ ସିଂହନାଥ ପୀଠ ଠାରେ ମକର ମେଳା ଏବଂ ଉତ୍ସବର ଆୟୋଜନ କରାଯାଉଛି । ଏହି ମେଳାରେ କଟକ ସମେତ ଅନ୍ୟାନ୍ୟ ଆଖପାଖ ଜିଲ୍ଲାମାନଙ୍କରୁ ପୂଜା ଅର୍ଚ୍ଚନା ନିମନ୍ତେ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ଜନସମାଗମ ହେବାର ଅଛି । ଏହାକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବିଦେଶ୍ୱର-ବଡ଼ମ୍ବା, ଟି-ସେତୁ ଉପରେ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ଯେପରି କୌଣସି ଅଘଟଣ ନଘଟେ ସେଥିପାଇଁ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଉତ୍ସବ ସମୟରେ ଉକ୍ତ ସେତୁ ଉପରେ ଯାନବାହନ ଯାତାୟାତ ନିମନ୍ତେ କଟକଣା ଜାରି କରାଯିବା ସହ ନୟାଗଡ ପଟୁ ବଡ଼ମ୍ବା ଆସୁଥିବା ସମସ୍ତ ଯାନବାହାନ ଗୁଡିକୁ ସିଂହାମୁଳା ସେତୁ ଦେଇ ବଡ଼ମ୍ବା ଅଭିମୁଖେ ଗତି କରିବ । ସେହିଭଳି ବଡ଼ମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଯାଉଥିବା ଯାନବାହାନ ଗୁଡିକ ଜାତମୁଣ୍ଡିଆ ସେତୁ ଦେଇ ଗତି କରିବ । ଏହି ମେଳା ସମୟରେ ଯାନବାହାନ ଚଳାଚଳର ନିୟନ୍ତ୍ରଣ, କଟକଣା ଓ ଗତିପଥ ପରିବର୍ତ୍ତନ ସମ୍ବନ୍ଧରେ ପୋଲିସ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# କଟକରେ ପାଳନ ହେବ ପରାକ୍ରମ ଦିବସ:ରାଷ୍ଟ୍ରପତି ହୋଇପାରନ୍ତି ମୁଖ୍ୟ ଅତିଥି

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ଜନ୍ମସ୍ଥାନରେ ପାଳିତ ହେବ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବା ପରାକ୍ରମ ଦିବସ । ଜାନୁଆରୀ ୨୩ ତାରିଖରେ କଟକରେ ଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଏହି ୩ ଦିନିଆ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ବରିଷ୍ଠ ଅଧିକାରୀ ମାନେ ଉଭୟ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ କଟକରେ ହୋଇଥିଲା । ତେଣୁ କଟକ ଓଡ଼ିଆ ବଜାର ସ୍ଥିତ ତାଙ୍କ ପୈତୃକ ବାସଭବନରେ ତିନିଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ଏବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି । ବର୍ଷ ୨୦୨୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନେତାଜୀ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ଘୋଷଣା କରାଯାଇଥିଲା । ସେବେଠାରୁ ପ୍ରତ୍ୟେକ ବର୍ଷ ନେତାଜୀ ଜୟନ୍ତୀରେ ଏହାକୁ ଜାତୀୟ ଦିବସ ଭାବେ ପାଳନ କରାଯାଇଆସୁଛି । ଏହାର ପ୍ରଥମବର୍ଷ କାର୍ଯ୍ୟକ୍ରମ ଆୟୋଜନ କୋଲକାତାରେ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଚଳିତଥର ଏହି କାର୍ଯ୍ୟକ୍ରମ କଟକରେ ଆୟୋଜିତ ହେବାକୁଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି । ମାତ୍ର ଏନେଇ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇନାହିଁ । ଚଳିତବର୍ଷ ଏହି ଦିବସର ଆୟୋଜନ କଟକରେ କରିବା ପାଇଁ ସଂସ୍ଥାକୁ ଦାୟିତ୍ୱ ମିଳିଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଆନନ୍ଦ ମଧୁକର ସ୍ପଷ୍ଟ କରିଛନ୍ତି । ସେହିପରି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୁରମିତ ସିଂ ଚାଵଲା କହିଛନ୍ତି, ଏହି ଦିବସରେ ୩ ଦିନ ବ୍ୟାପୀ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନେତାଜୀଙ୍କ ସଂଗ୍ରାମମୟ ଜୀବନ ସହ ଜଡ଼ିତ ଘଟଣାବଳୀକୁ ପ୍ରଦର୍ଶିତ କରାଯିବ । ଯେଉଁଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ମଧ୍ୟ ଦର୍ଶକ ଆସିବେ ଓ ନେତାଜୀଙ୍କ ପରାକ୍ରମ ସମ୍ପର୍କରେ ଜାଣିବାକୁ ପାଇବେ । ଏହି ଦିବସରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଆସିବା ନେଇ ଯେଉଁ ସୂଚନା ରହିଥିଲା, ତାହା ଆଉ ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ।

# ଟେଲିଫୋନ୍ ଟାୱାର୍ ଚୋରି ଅଭିଯୋଗରେ ୪ ଅଟକ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ପାଲବଣୀ ଅଞ୍ଚଳରେ ଜଣକ ଘରେ ଲାଗିଥିବା ଟେଲିଫୋନ୍ ଟାୱାର୍‌କୁ ବେଆଇନ୍ ଭାବେ ଖୋଲୁଥିବା ବେଳେ ୪ ଜଣ ଯୁବକଙ୍କୁ ବାରିପଦା ଟାଉନ୍ ଥାନା ପୋଲିସ ଅଟକ ରଖିଥିବାର ଜଣାଯାଇଛି । ଘଟଣା ମୁତାବକ ପାଲବଣୀ ଅଞ୍ଚଳର ଗିତାରାଣୀ ପଣ୍ଡାଙ୍କ ଘରେ ଜି.ଟି.ଏଲ୍. ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ କମ୍ପାନୀ ପକ୍ଷରୁ ଏକ ଟେଲିଫୋନ୍ ଟାୱାର ଲାଗିଥିଲା । ତେବେ କମ୍ପାନୀର ବିନା ଅନୁମତିରେ ଟାୱାରର ଯନ୍ତ୍ରାଂଶ ଓ ଲୁହା ସବୁ ଖୋଲାଯାଉଥିବା ନେଇ ଜଣାପଡିବା ପରେ, ଏନେଇ କମ୍ପାନୀ ତରଫରୁ ତୁରନ୍ତ ଅଞ୍ଚଳ ଦାୟିତ୍ୱରେ ଥିବା କର୍ମଚାରୀ ଆଲୋକ କୁମାର ସାହୁଙ୍କୁ ଏହାବାବଦରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଥିଲେ । ଆଲୋକ ଏବଂ କମ୍ପାନୀର ଆଇନ୍‌ଜୀବୀ ଦେବାଶିଷ ପଣ୍ଡା ଘଟଣା ସମ୍ପର୍କରେ ବାରିପଦା ଟାଉନଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତୁରନ୍ତ ଟାୱାର ଉପରେ ଚଢ଼ଉ କରି ଯନ୍ତ୍ରାଂଶ ଖୋଲୁଥିବା ୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି । ଜାଗା ମାଲିକଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ଘେରରେ ରହିଛି । ଅଟକ ବ୍ୟକ୍ତିମାନେ ହେଲେ ବାରିପଦା ତୁଳସୀ ଚୌରା ଅଞ୍ଚଳର ଫିରୋଜ୍ ଖାଁ, ବେଶିଙ୍ଗା ଅଞ୍ଚଳର ଶେଖ୍ ଜୁଇଫୁଦ୍ଦୀନ୍ ଓ ଶେଖ୍ ସଫରୁଦ୍ଦିନ ଓ ବାଲେଶ୍ୱର ଜଙ୍କରୀ ଅଞ୍ଚଳର ଅବଦୁଲ୍ ସତର୍ ସମସ୍ତଙ୍କୁ ଅଟକ ରଖି ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ସବ୍ ଇନ୍‌ସପେକ୍ଟର ଧନଞ୍ଜୟ ବେହେରା ଏବଂ କମ୍ପାନୀ ପକ୍ଷରୁ ଆଇନ୍‌ଜୀବୀ ଦେବାଶିଷ ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି ।

# ଛାତ୍ରୀଙ୍କୁ ଛୁରାମାଡ଼:ଅଭିଯୁକ୍ତ ଗିରଫ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଥାନା ଖେମୁଣ୍ଡୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କୁର୍ମାପୁଟ ଗାଁର ନବନ ଶ୍ରେଣୀର ଆଦିବାସୀ ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତ ଲୋକନାଥକୁ ପୋଲିସ ଗିରଫ କରିଛି । ଛାତ୍ରୀ ଜଣକର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ହେଲେ ତାର ବୟାନ ଆଧାରରେ ପୋଲିସର ତଦନ୍ତ ଆଗକୁ ବଢ଼ିବ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ କୁର୍ମାପୁଟ ଗାଁର ଅର୍ଜ୍ଜୁନଙ୍କ ଝିଅ ନବମ ଶ୍ରେଣୀରେ ପାଠ ପଢୁଛି । ମଙ୍ଗଳବାର ରାତି ୮ଟା ସମୟରେ ଝିଅ ଶୌଚ ପାଇଁ ଯାଇଥିବାବେଳେ ଅଭିଯୁକ୍ତ ଲୋକୁ ଏକ ଛୁରୀରେ ଆକ୍ରମଣ କରି ଲହୁ ଲୁହାଣ କରିଥିଲା । ଝିଅର ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ିଯିବା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଥିଲା । ଗୁରୁତର ଅବସ୍ଥାରେ ଝିଅକୁ ପରିବାର ଓ ଗ୍ରାମବାସୀ ପ୍ରଥମେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଓ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଏହି ହତ୍ୟା ଉଦ୍ୟମ ଘଟଣା ଏବେ ମଧ୍ୟ ସ୍ପଷ୍ଟ ହୋଇନଥିବା ବେଳେ ଅଭିଯୁକ୍ତ ଏହି ଘଟଣା କାହିଁକି ଘଟାଇଛି ରହସ୍ୟ ଘେରରେ ରହିଛି । ଝିଅର ବୟାନ୍ ହିଁ ରହସ୍ୟ ଉପରୁ ପରଦା ଉଠାଇବ ବୋଲି ଚର୍ଚ୍ଚା ହେଉଛି ।

# ବେଦାନ୍ତର କଳା ଓ ସଂସ୍କୃତି ପ୍ରସାର ଉଦ୍ୟମକୁ ଲୋକସଭା ବାଚସ୍ପତିଙ୍କ ପ୍ରଶଂସା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବ୍ରିଟେନ୍‌ର ୧୦୦ ବର୍ଷ ପୁରୁଣା ରିଭରସାଇଡ୍ ଷ୍ଟୁଡିଓ ଟ୍ରଷ୍ଟ୍‌କୁ କଳା ଓ ସଂସ୍କୃତିର ପ୍ରସାର ପାଇଁ ଅନ୍ତର୍ଜାତୀୟ କେନ୍ଦ୍ରରେ ପରିଣତ କରିବା ଲାଗି ବେଦାନ୍ତ ଗ୍ରୁପ୍ ରଖିଥିବା ଲକ୍ଷ୍ୟକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରଶଂସା କରିଛନ୍ତି। ଟେମ୍‌ସ ନଦୀର ଉତ୍ତର କୂଳରେ ଅବସ୍ଥିତ ଏହି କେନ୍ଦ୍ରରେ ଏକ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଏହି ଷ୍ଟୁଡିଓ ସାରା ବିଶ୍ୱର କଳାକାର ଓ ପ୍ରଦର୍ଶନକାରୀମାନଙ୍କୁ ଏକ ମଞ୍ଚ ପ୍ରଦାନ କରିବ। ବେଦାନ୍ତ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅନୀଲ୍ ଅଗ୍ରୱାଲ୍ ଏବେ ଏହି ଷ୍ଟୁଡିଓର ମାଲିକାନା ହାସଲ କରିଛନ୍ତି। 'ଏଭଳି ଏକ ସମ୍ମାନନୀୟ ମଞ୍ଚରେ କଳା ଓ ସଂସ୍କୃତିର ପ୍ରସାର ପାଇଁ କରୁଥିବା ଉଦ୍ୟମ ଲାଗି ମୁଁ ଶ୍ରୀ ଅଗ୍ରୱାଲଙ୍କୁ ଅଭିନନ୍ଦନ ଜଣାଉଛି। ସାରା ବିଶ୍ୱରୁ କଳାକାରରେ ଲଣ୍ଡନରେ ସେମାନଙ୍କ ଅଞ୍ଚଳର କଳା ଓ ସଂସ୍କୃତିକୁ ଏଠାରେ ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ। କଳାକାରମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଲାଗି ଏକ ବିଶ୍ୱସ୍ତରୀୟ ମଞ୍ଚରେ ପରିଣତ ହେବ ବୋଲି ସେ କହିଛନ୍ତି। ତାଙ୍କ ପ୍ରତି କୃତଜ୍ଞତା ଜଣାଇ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ୍ କହିଛନ୍ତି ଯେ, ରିଭର୍‌ସାଇଡ୍ ଷ୍ଟୁଡିଓରେ ଓମ୍ ବିର୍ଲାଙ୍କ କାର୍ଯ୍ୟକ୍ରମ ଆୟୋଜନ କରିବା ଏକ ସମ୍ମାନର ବିଷୟ। ତାଙ୍କ ଲକ୍ଷ୍ୟ ଓ ନେତୃତ୍ୱ ଆମକୁ ଭାରତ ଓ ବ୍ରିଟେନ୍ ମଧ୍ୟରେ କେବଳ ଅର୍ଥନୀତିରେ ସହଯୋଗିତା ବଢ଼ାଇବା ନୁହେଁ, ବରଂ ଆମ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପାଳନ କରିବା ଦିଗରେ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରିଛି। ଶିକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ଉଦ୍ୟମ ଓ ଅଙ୍ଗନବାଡ଼ିଗୁଡ଼ିକୁ ନନ୍ଦ ଘରରେ ପରିଣତ କରି ପିଲାମାନଙ୍କ ସାମଗ୍ରିକ ବିକାଶ କରୁଥିବାରୁ ସେ ବେଦାନ୍ତକୁ ପ୍ରଶଂସା କରିଛନ୍ତି। ନନ୍ଦଘର ଗୁଡ଼ିକରେ ପିଲାମାନଙ୍କୁ ମାଗଣା ଶିକ୍ଷା ଓ ପୁଷ୍ଟିକର ଆହାର ପ୍ରଦାନ କରାଯାଉଛି। ସମାଜର ଅନଗ୍ରସର ବର୍ଗର ଉନ୍ନତି ପାଇଁ ଏଭଳି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହାପରେ ଶ୍ରୀ ବିର୍ଲା ରିଭରସାଇଡ୍ ଷ୍ଟୁଡିଓ ପରିଦର୍ଶନ କରିବା ସହ କଳା ଓ ସଂସ୍କୃତିର ପ୍ରସାର ଲାଗି ତାହାର ସମୃଦ୍ଧ ପରମ୍ପରାକୁ ପ୍ରଶଂସା କରିଥିଲେ। ରିଭରସାଇଡ୍ ଷ୍ଟୁଡିଓକୁ ଓମ୍ ବିର୍ଲାଙ୍କ ପରିଦର୍ଶନ ଭାରତ ଓ ବ୍ରିଟେନ୍ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ଦର୍ଶାଉଛି। ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ମିଳିତ ସମୃଦ୍ଧିର ଭିତ୍ତି ସ୍ଥାପନ କରିବାକୁ ଏହା ଦର୍ଶାଉଛି।

## ନିଆଁ ଲାଗି ଜଳିଗଲା ଧାନ ଗଦା

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କେବିକଙ୍ଗା ଆଦିବାସୀ ଗାଆଁର ଜଣେ ଚାଷୀଙ୍କ ଧାନ ଗଦାରେ ନିଆଁ ଲାଗି ନଷ୍ଟ ହୋଇଯାଇଛି । ତେବେ ନିଆଁ କିଭଳି ଲାଗିଲା ସ୍ପଷ୍ଟ ଜଣା ପଡିନାହିଁ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପରଚିପାରା ପଞ୍ଚାୟତ ଅଧିନରେ ଥିବା କେବିକଙ୍ଗା ଆଦିବାସୀ ଗାଆଁରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ କେବିକଙ୍ଗା ଆଦିବାସୀ ଗାଆଁର ମାଲସାଇ ଗଣ୍ଡ ଧାର ଉଧାର କରି ନିଜ ଜମିରେ ଧାନ ଚାଷ କରିଥିଲେ । କିଛି ଦିନ ତଳେ ଜମିରୁ ଧାନ କାଟି ଘରକୁ ଧାନ ଗଦା କରି ରଖିଥିଲେ । କିଛି ଦିନ ପରେ ଧାନ ମଳିବା ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ଦିନ ପ୍ରାୟ ୫ ଘଟିକା ସମୟରେ ହଠାତ୍ ଧାନ ଗଦାରେ ନିଆଁ ଲାଗିଯାଇଥିଲା । ଘର ଲୋକ ଧାନ ଗଦାରେ ନିଆଁ ଲାଗିବା ଦେଖି ପରିବାର ଲୋକଙ୍କୁ ଡାକିବା ସହ ଆଖପାଖ ଲୋକଙ୍କୁ ଡ଼ାକି ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ । କିଛି ସମୟ ପରେ ରାଇଘର ଅଗ୍ନିଶମ ବାହିନୀକୁ ମଧ୍ୟ ଖବର ଦେଇଥିଲେ । ଖବର ପାଇବା ମାତ୍ରେ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସମ୍ପୂର୍ଣ୍ଣ ଧାନ ନିଆଁରେ ପୋଡି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି । ଅନ୍ୟପଟେ ନିଆଁ ଲାଗିବାରୁ ସମ୍ପୂର୍ଣ୍ଣ ଧାନ ଗଦା ପୋଡି ନଷ୍ଟ ହୋଇଯିବାରୁ ପରିବାର ଲୋକେ ଭାଙ୍ଗି ପଡିଥିବାର ଦେଖିବାକୁ ମିଳିଛି । ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜଙ୍ଗଲରୁ ଅର୍ଦ୍ଧଦଗ୍ଧ କଙ୍କାଳ ଉଦ୍ଧାର

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ଅର୍ଦ୍ଧଦଗ୍ଧ ଅବସ୍ଥାରେ ଅଧା ଶରୀରର କଙ୍କାଳ ଜଙ୍ଗଲ ମଧ୍ୟରେ ଉଦ୍ଧାର କରିଛି ଉମରକୋଟ ପୋଲିସ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ହୀରାପୁର ପଞ୍ଚାୟତ ଅଧୀନରେ ଥିବା ବୁନ୍ଦାକେନ୍ଦୁ ଜଙ୍ଗଲରେ । ମିଳିଥିବା ସୂଚନା ଅନୁସାରେ ଗ୍ରାମର କିଛି ମହିଳା ଜାଳେଣି କାଠ ସଂଗ୍ରହ କରିବାକୁ ବୁନ୍ଦାକେନ୍ଦୁ ଗ୍ରାମ ନିକଟରେ ଥିବା ଜଙ୍ଗଲକୁ ଯାଇଥିଲେ । କାଠ ସଂଗ୍ରହ କରୁଥିବା ସମୟରେ ସେଠାରେ ଏକ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ମୁଣ୍ଡ ଓ ହାତର କଙ୍କାଳ ଦେଖିବାକୁ ପାଇଥିଲେ । ମହିଳାମାନେ ଗାଁକୁ ଫେରିଆସି ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ । ମହିଳା ମାନଙ୍କ ଠାରୁ ଖବର ଶୁଣିବା ପରେ ସରପଞ୍ଚ ଘଟଣା ସ୍ଥଳକୁ ଯାଇଥିଲେ । ଏନେଇ ସରପଞ୍ଚ ଉମରକୋଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଥାନା ଭାରପ୍ରାପ୍ତ ଅଧିକାରୀ ଶିବାଜି ପଣ୍ଡା, ଏସ୍‌ଆଇ ଅକ୍ଷୟ ମିଶ୍ର ଓ ଫୋର୍ସ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଘଟଣା ସ୍ଥଳରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିଥିଲେ । ଉକ୍ତ କଙ୍କାଳଟି ଜଣେ ମହିଳାର ହୋଇଥିବ ବୋଲି ସନ୍ଦେହ କରିଥିଲା ପୋଲିସ । କାରଣ କଙ୍କାଳର ଗୋଟିଏ ହାତରେ ଚୁଡ଼ି ଗୋଟିଏ ରହିଥିବା ଦେଖିବାକୁ ମିଳିଥିଲା। ଘଟଣାର ଦେଢ଼ ମିଟର ଦୂରରେ ମହିଳାଙ୍କ ଶରୀରର କିଛି ଅଂଶ ଜଳିଯାଇଥିବା ଦେଖିବାକୁ ମିଳିଥିଲା । ମହିଳାଙ୍କ କଙ୍କାଳ ଏହି ଜଙ୍ଗଲକୁ କିପରି ଆସିଲା, ସେ କେଉଁଠାର, ତାର ମୃତ୍ୟୁ କିପରି ହୋଇଛି ତାହା ପୋଲିସ ଯାଞ୍ଚ କଲାପରେ ଜଣାପଡିବ ବୋଲି ମାଜିଷ୍ଟ୍ରେଟ୍ ଚିତ୍ତରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ପୋଲିସ କେସ୍ ନଂ ୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## ସାମ୍ବାଦିକ ମାନଙ୍କ ପ୍ରତି ବୈମାତୃକ ମନୋଭାବ କାହିଁକି ?

**କେନ୍ଦୁଝର, ନ୍ୟୁଜ୍**

ବିଜେଡ଼ି ସରକାର ଗଲାପରେ ବିଜେପି ସରକାର ପ୍ରତି ସାମ୍ବାଦିକ ମାନଙ୍କ ପାଇଁ କିଛି ଗୋଟେ ବ୍ୟବସ୍ଥା କରିବେ ବୋଲି ସାମ୍ବାଦିକ ମାନେ ଆଶା କରିଥିଲେ, ହେଲେ ସାମ୍ବାଦିକ ମାନଙ୍କର ସମସ୍ୟା ପ୍ରତି କେହିହେଲେ ଦୃଷ୍ଟି ଦେଉନାହାନ୍ତି । ସାମ୍ବାଦିକ ମାନଙ୍କର ଆଶା କେବଳ ଆଶାରେ ହିଁ ରହିଯାଉଛି । ଖୋଦ୍ ମୁଖ୍ୟମନ୍ତ୍ରୀ ବିଜେଡ଼ି ସରକାର ସମୟରେ ବିଜେପି ଦଳର ମୁଖ୍ୟ ସଚେତକ ଥିବାବେଳେ ସାମ୍ବାଦିକ ମାନଙ୍କର ସମସ୍ୟା ଉପରେ ବେଶ୍ ହୃଦୟଙ୍ଗମ କରିଥିବା ବେଳେ ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ ହେବାପରେ ମଧ୍ୟ ସାମ୍ବାଦିକ ମାନଙ୍କ ସମସ୍ୟା କଥା ମୋର ମନେଅଛି ବୋଲି କହିଥିବା ବେଳେ ଡିସେମ୍ବର ସୁଦ୍ଧା ସାମ୍ବାଦିକ ଚିହ୍ନଟ କରିବାର ପ୍ରତିଶୃତି ମଧ୍ୟ ଦେଇଥିଲେ । ହେଲେ ଇତି ମଧ୍ୟରେ ଡିସେମ୍ବର ଯାଇ ଶୀତକାଳୀନ ଅଧିବେଶନ ମଧ୍ୟ ସରିଛି, ହେଲେ କାହିଁ ଶାସକ ଓ ବିରୋଧୀ କେହିହେଲେ ସାମ୍ବାଦିକ ମାନଙ୍କ ମୁଖ୍ୟ ସମସ୍ୟା ସାମ୍ବାଦିକଙ୍କୁ ପେନ୍‌ସନ୍ ଲାଗୁ କରିବା ଉପରେ ପଦେ ହେଲେ ଉକ୍ତି ବାଢିଲେ ନାହିଁ । ପୂର୍ବ ଭଳି ଚୁପ୍ ଚାପ୍ ରହିଗଲେ । ଏପଟେ ସାମ୍ବାଦିକମାନେ ବିନା ପାରିଶ୍ରମିକରେ ୩୦/୪୦ ବର୍ଷ ଧରି କାର୍ଯ୍ୟ କରି କରି ଯୁବକ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇ ଆର୍ଥିକ ଅନାଟନର ସମ୍ମୁଖୀନ ହୋଇ ମଧ୍ୟ ଅଦ୍ୟାବଧି ନିଜ କଲମ ମୁନକୁ ସମାଜ ସେବାରେ ଜାରି ରଖିଛନ୍ତି । ହେଲେ ଶାସକ ଦଳ କି ବିରୋଧୀ ଦଳ କେହି ହେଲେ ସାମ୍ବାଦିକ ମାନଙ୍କ ଜୀବନ ଓ ଜୀବିକା ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମତ ପ୍ରକାଶ ପାଇଛି । କିଛି କିଛି ରାଜ୍ୟରେ ସାମ୍ବାଦିକ ମାନଙ୍କର ସମସ୍ୟାକୁ ଉପଲବ୍ଧି କରି ସାମ୍ବାଦିକମାନଙ୍କ ଜୀବନ ଓ ଜୀବିକାକୁ ଦୃଷ୍ଟିରେ ରଖି ସାମ୍ବାଦିକ ମାନଙ୍କୁ ମାସିକ ପେନ୍‌ସନ୍ ପ୍ରଦାନ ସହ ଅନ୍ୟାନ୍ୟ ଅନୁସାଙ୍ଗିକ ସୁବିଧା ପ୍ରଦାନ କରିଥିବାବେଳେ ଆମ ଓଡ଼ିଶାରେ ତାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଯାହାକି ସାମ୍ବାଦିକ ମାନଙ୍କ ପ୍ରତି ଶାସକ ଓ ବିରୋଧୀ ଦଳ ମାନଙ୍କର ବୈମାତୃକ ମନୋଭାବ ସଦୃଶ ବୋଲି ଆଲୋଚିତ ହେଉଛି । ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ଖଣ୍ଡଗିରିରେ ବିଶ୍ୱପ୍ରସିଦ୍ଧ ସାଧୁସନ୍ଥ ପୂର୍ଣ୍ଣ କୁମ୍ଭମେଳା ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖଣ୍ଡଗିରି ବିଶ୍ୱପ୍ରସିଦ୍ଧ ସାଧୁସନ୍ଥ ପୂର୍ଣ୍ଣ କୁମ୍ଭମେଳା ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ମହାପୁରୁଷ ଅରକ୍ଷିତ ଦାସ ପାଦୁକା ଆଶ୍ରମରୁ ସାଧୁସନ୍ଥମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ମା' ବାରଭୁଜୀ ଠାରେ ପୂଜାର୍ଚ୍ଚନା କରି ଗୁପ୍ତଗଙ୍ଗା, ଆକାଶଗଙ୍ଗା, ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଲଳିତାକୁଣ୍ଡରୁ ପୂଜାର୍ଚ୍ଚନା କରି ଜଳ ଆଣି ପଞ୍ଚତୀର୍ଥ ବା ପଞ୍ଚକୁଣ୍ଡୀୟ ସ୍ନାନ କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ବାରହାତ ନେତ୍ର ବାନା ପତାକା ଦେବସଭାରେ ଉତ୍ତୋଳନ କରାଯାଇଥିଲା । ଦ୍ୱିତୀୟ ଖଣ୍ଡଗିରି ପାହାଚ ବାମ ପାର୍ଶ୍ୱରେ ବାନା ଉତ୍ତୋଳନ କରାଯାଇଥିଲା ମୁଖ୍ୟ ଅତିଥି ଓ ସାଧୁସନ୍ଥମାନଙ୍କ ଦ୍ୱାରା । ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରୁ ପୂର୍ଣ୍ଣକୁମ୍ଭ ଆସିବା ପାଇଁ ବାବା ଚନ୍ଦନ ଦାସ ସମେତ ସାଧୁସନ୍ଥମାନେ ମେଲାଣି ଓ ଶୁଭକାମନା କରାଯାଇଥିଲା ବୋଲି ଖଣ୍ଡଗିରି କୁମ୍ଭମେଳାର ସଂଚାଳକ ବାବା ଆଲୋକ ଦାସ, ବାବା ଚନ୍ଦନ ଦାସ, ବ୍ୟବସ୍ଥାପକ ବ୍ରହ୍ମଚାରୀ ବିଶ୍ୱ ଚୈତନ୍ୟ, ମୁଖ୍ୟ ସଂଚାଳକ ଦେବସଭାର କୃଷ୍ଣଦାସଜୀ ମହାରାଜ, ବାବା କଲ୍ୟାଣୀ ଦାସ, ପାଦୁକା ଆଶ୍ରମରୁ ବାବା ନବକିଶୋର ଦାସ, ରଶ୍ମି ବାବା, ବୈଷ୍ଣବଦାସ, ତାରିଣୀ ବାବା, ହରିଓମ୍ ଟ୍ରଷ୍ଟର ଅଧ୍ୟକ୍ଷ ହରିଓମ୍ ବାବା, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କାଶୀନାଥ ଖିଲାର, ସେବକ ବିଦ୍ୟୁତ୍, ଅନାମ ମୁନି, ବାବା ନିତ୍ୟାନନ୍ଦ ଦାସ, ଭବାନୀ ଶଙ୍କର ଦାସ, ଭାଗୀରଥିବାବା, ବାବା ଜଗନ୍ନାଥ ଦାସ, ବାବା ସୁରେନ୍ଦ୍ର ଜେନା, ଆନନ୍ଦ ମହାରାଜ, ଲକ୍ଷ୍ମୀଧର ପରମହଂସ, ଗୋପାଳ ଚରଣ ଦାସ, ପରିଷଦର ଉପଦେଷ୍ଟା ପଦ୍ମନାଭ ଦାସ ପ୍ରଭୃତି ସାଧୁସନ୍ଥମାନେ ଯୋଗଦାନ କରିଥିଲେ ବୋଲି କୁମ୍ଭମେଳା ଆବାହକ ତଥା ଅଧ୍ୟକ୍ଷ ବିଶ୍ୱସନାତନ ବୈଦିକ ଧର୍ମପରିଷଦର ବାବା ପଞ୍ଚଦେବ ଜଣାଇଛନ୍ତି ।



# ମାଆ ମାଟି ପ୍ରତି ବୌଦ୍ଧିକ ଅବଦାନ ସମସ୍ତଙ୍କ କର୍ତ୍ତବ୍ୟ:କୁଳପତି

**ବାଲେଶ୍ୱର, ନ୍ୟୁଜ୍**




ସଂଯୋଗସୂତ୍ର ଓ ଗୋଷ୍ଠୀମାନଙ୍କୁ ଆପଣେଇବାର ସହ ଆମେ ପ୍ରବାସୀଙ୍କୁ ସମ୍ମାନ କରୁ, ସ୍ଲୋଗାନ୍ ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଳନ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ଏହି ତିନି ଦିନିଆ କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ସହଯୋଗରେ ଜାନୁଆରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରେ ପାଳନ କରାଯାଇଛି । ଜନ ଭାଗିଦାରୀଙ୍କ ପଦ୍ଧତିରେ ପ୍ରବନ୍ଧ, ବିତର୍କ ଏବଂ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା, ଏକ ମାରାଥନ୍, ୱାକାଥନ୍ ଏବଂ ସାଇକ୍ଲୋଥନ୍ ସହିତ ପ୍ରବାସୀ ଭାରତୀୟମାନଙ୍କ ଅବଦାନକୁ ଆଲୋକିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା । ଏହି ଅବସରରେ ସମ୍ମାନିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ୧୦ ଜାନୁଆରୀରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ନିଜ ଉଦ୍‌ବୋଧନରେ ସେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି, ଯେଉଁମାନେ ନିଜ ଜୀବନର ଅନେକ ବର୍ଷ ଭାରତ ବାହାର ଦେଶରେ ବସବାସ କରିବା ସହ ଓଡ଼ିଶାର ବିକାଶକ୍ଷେତ୍ରରେ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଆସିଛନ୍ତି ପ୍ରଫେସର ଚିତ୍ତ ବରାଳ, ପ୍ରଫୁଲ୍ଲ ମହାନ୍ତି, ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ, ଡକ୍ଟର ଏସ.କେ ଦାଶ ଏବଂ ଆହୁରି ଅନେକ ପ୍ରବାସୀ ଉତ୍କଳୀୟଙ୍କ ଉଦାହରଣ ଦେଇ, କୁଳପତି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ । ଏହି ସଭାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ନିର୍ଦ୍ଦେଶକ-ଛାତ୍ର କଲ୍ୟାଣ, ଡକ୍ଟର ନିହାର ରଂଜନ ରାଉତ ମୂଲ୍ୟବାନ୍ ଉଦ୍‌ବୋଧନ ପ୍ରଦାନ କରିଥିଲେ । ବୁଲ୍‌ଗେରିଆରେ ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ ଏହି ସେମିନାର୍‌ରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାରର ସ୍ଥାନାନ୍ତରଣ, ଅଣ-ବାସିନ୍ଦା ଭାରତୀୟଙ୍କ ଅଧିକାର ଏବଂ ପାରମ୍ପାରିକ ଦେଶମାନଙ୍କ ମଧ୍ୟରେ ଆଜିର ଯୁବପିଢ଼ିଙ୍କ ସଂଯୋଗ ଆବଶ୍ୟକତା ଉପରେ ବିଭିନ୍ନ ଦୃଷ୍ଟିକୋଣ ଉପରେ ଆଲୋଚନା କରିଛନ୍ତି । ବୈଷୟିକ ତଥା ପାରମ୍ପରିକ ରୁଚି ଓ ଆଗ୍ରହ ପ୍ରତି ଦେଶର ପ୍ରମୁଖ ଯୋଗାଯୋଗର ମାଧ୍ୟମ ହୋଇପାରିବ ନେଇ ଆଶାବ୍ୟକ୍ତ କରିଥିଲେ । ଏହା ସହିତ ଏହି ସେମିନାର୍‌ରେ ମାଲେସିଆ ସ୍ଥିତ ପେଟ୍ରୋନାସ୍, ପ୍ରିନ୍ସିପାଲ୍ ଜିଓ ସାଇଣ୍ଟିଷ୍ଟ ଡ଼କ୍ଟର ସତ୍ୟବ୍ରତ ନାୟକ ଏବଂ ବ୍ରାଜିଲ୍‌ର ସାଓ ପାଉଲୋ ବିଶ୍ୱବିଦ୍ୟାଳୟର ଡକ୍ଟର ପାର୍ଥସାରଥୀ ଜେନା ଯୋଗଦେଇଥିଲେ ଏବଂ ବିଦେଶୀ ଭାରତୀୟ ଭାବରେ ସେମାନଙ୍କର ଜୀବନଯାତ୍ରା ଏବଂ ଅବଦାନ ବାଣ୍ଟିଥିଲେ । ସେମାନେ ବିଦେଶରେ ଏକାଡେମିକ୍ ସୁବିଧା ଏବଂ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଉଚ୍ଚ ଅଧ୍ୟୟନ ପାଇଁ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ୧୮ ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫, ପାଇଁ ବିଷୟବସ୍ତୁକୁ ଏକ ବିକାଶ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇ ବିକାଶ ଭାରତ ପାଇଁ ପ୍ରବାସୀଙ୍କ ଅବଦାନ ରଖାଯାଇଛି । ଏଥି ସମ୍ପର୍କିତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକଳାପରେ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଅରୁଣ କୁମାର ନାୟକ ତିନିଦିନିଆ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମର ଦାୟିତ୍ୱ ଡ଼କ୍ଟର ଦୀପଙ୍କର ଜେନା, ଡ଼କ୍ଟର ବିଶ୍ୱଜିତ୍ ପରିଡ଼ା, ଅଭୟ କୁମାର ନାୟକ, ଚିନ୍ମୟ କୁମାର ଦାସ, ଡ଼କ୍ଟର ଜୟକୃଷ୍ଣ ଦାସ, ଉଜ୍ଜ୍ୱଳ ଦାସ, ଭବାନୀ ଶଙ୍କର ଜେନା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ । ଡ଼କ୍ଟର ବିଶ୍ୱଜିତ ପରିଡ଼ା ଏହି କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ଏବଂ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଉଲ୍ଲେଖଯୋଗ୍ୟ, ଭାରତର ବିକାଶରେ ବିଦେଶୀ ଭାରତୀୟଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଏ । ଏହା ଭାରତ ସରକାରଙ୍କ ଦ୍ୱାରା ସଂଗଠିତ ହୋଇଛି ଏବଂ ପ୍ରବାସୀ ଭାରତୀୟ ସହିତ ଯୋଡିହେବା ଏବଂ ସେମାନଙ୍କର ସଫଳତାକୁ ସ୍ୱୀକାର କରିବା ପାଇଁ ଏକ ପ୍ରକୃଷ୍ଟ ପ୍ଲାଟ୍‌ଫର୍ମ ଭାବରେ କାର୍ଯ୍ୟ କରୁଛି ।




# ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଶ୍ରାଦ୍ଧୋତ୍ସବ:ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପୂର୍ବାହ୍ନ ସାଢ଼େ ଆଠ ଘଟିକା ସମୟରେ ରାଜଧାନୀର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅବସ୍ଥିତ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ମହାପ୍ରୟାଣ ଦିବସ ପାଳନ କରାଯାଇଥିଲା। ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଓଡ଼ିଆ ଚଳଚ୍ଚିତ୍ରର ଆଦ୍ୟ ବିଧାଣୀ ଏବଂ ଜଣେ ପ୍ରଖ୍ୟାତ କଳାକାର ଥିଲେ ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିମାନେ ବିଭିନ୍ନ ଦୃଷ୍ଟାନ୍ତ ସହିତ ମତବ୍ୟକ୍ତ କରିଥିଲେ। ସର୍ବ ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ମନୋଜ କୁମାର ଦାସ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ମୋବାଇଲ୍ ଚୋରକୁ ଧରି ନିସ୍ତୁକ ପିଟିଲେ ଲୋକେ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**


ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ନାରାୟଣନଗରର ସାପ୍ତାହିକ ବଜାରରେ ଜଣେ ମୋବାଇଲ୍ ଚୋରକୁ ଲୋକେ ଧରି ଉତ୍ତମ ମଧ୍ୟମ ଦେଇଥିବା ଜଣାପଡ଼ିଛି। ସୂଚନାନୁସାରେ ମଙ୍ଗଳବାର ସାପ୍ତାହିକ ହାଟ ଥିବାରୁ ବଜାରରେ ଲୋକଙ୍କ ବେଶ୍ ଭିଡ଼ ଥିଲା । ଏହାର ସୁଯୋଗ ନେଇ ଗଞ୍ଜାମ ଜିଲ୍ଲା ଆଳିପୁର ଅଞ୍ଚଳର ଏ. ପ୍ରସାଦ (୩୮) ନାମକ ଏହି ମୋବାଇଲ୍ ଚୋର ସଉଦା କିଣୁଥିବା ଗୁରୁ ମେହେରଙ୍କ ମୋବାଇଲ୍ ନେବାବେଳେ ଲୋକେ ତାକୁ ଧରିପକାଇ ନିସ୍ତୁକ ଛେଚିଥିଲେ। ପରେ ଫାଣ୍ଡିକୁ ଖବର ଦିଆଯିବାରୁ ପୋଲିସ୍ ପହଞ୍ଚି ତାକୁ ଫାଣ୍ଡିକୁ ଆଣି ପଚରାଉଚରା କରୁଛି । ଗତ ମଙ୍ଗଳବାର ଦିନ ବି ବଜାରରୁ ୪ଟି ମୋବାଇଲ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏକ ମୋବାଇଲ୍ ଚୋର ଗ୍ୟାଙ୍ଗ ବଜାରରେ ଏଭଳି ଚୋରି କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଜନସାଧାରଣ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୨।୧।୨୦୨୫, ପୌଷ ଦି୨୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୨୪।୨୪** **ଚନ୍ଦ୍ରୋଦୟ- ଦିଘ ୩।୪୯।୦୬**

**ତ୍ରୟୋଦଶୀ-** ପ୍ରାଘ ୬।୩୪ ଗତେ ଚତୁର୍ଦ୍ଦଶୀ କ୍ଷୟ ନିଘ ୫।୦୩ । **ମୃଗଶିରା ନକ୍ଷତ୍ର-** ଦିଘ ୧୧।୨୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୬।୩୫ ପରେ ବିରି ନିଘ ୫।୦୩ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୯।୨୨ ମଧ୍ୟେ । ଦିଘ ୧।୧୭ ଗତେ ଘ ୩।୧୧ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା, ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ।



**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ । ପରୋପକାରରେ ନିୟୋଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ ।



**ବୃଷ:** ଆଜି ଆପଣ ପରାଧୀନ ଭାବେ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ଉପକୃତ ହେବେ । ପାରିବାରିକ ଜୀବନ ସୁଖସନ୍ତୋଷରେ କଟିବ ।



**ମିଥୁନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଶୁଭ ଖବର ପାଇବେ । ରୋଜଗାରରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । କର୍ମକ୍ଷେତ୍ରରେ ଚିନ୍ତିତ ରହିବେ । ବନ୍ଧୁଙ୍କ ସ୍ୱଭାବ ମନରେ ସନ୍ଦେହ ଜାତ କରିବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସମ୍ଭାବନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ ।




**ସିଂହ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ଆପଣଙ୍କର ସଫଳ ହେବ । ମନ ସର୍ବଦା ପ୍ରଫୁଲ୍ଲ ରହିବ । ଦୂରଯାତ୍ରା କରି ସୁଫଳତା ପ୍ରାପ୍ତ ହେବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲରେ କଟିବନାହିଁ । ଏଣୁ ସାବଧାନ ରହିବେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ମତାନ୍ତର ଦେଖାଦେବାର ସୂଚନା ।




**ତୁଳା:** ସେବା ପୂଜାରେ ଦିନଟି କଟିବ । ଅପ୍ରିୟ ସତ କହି ବିରୋଧି ହେବେ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଆୟର ପରିମାଣ ସ୍ଥିର ରହିବ । ଗୃହେ ଆନନ୍ଦ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବିଛା:** ଶାରୀରିକ ପୀଡ଼ା ଦେଖାଦେବ । ନୂତନ କାର୍ଯ୍ୟ ନିମନ୍ତେ ତତ୍ପର ହେବେ । ମନରେ ଚିନ୍ତା ଲାଗି ରହିବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଅଶାନ୍ତି ସୃଷ୍ଟି ହେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ ।



**ଧନୁ:** ବନ୍ଧୁଙ୍କ ସହିତ ସହଯୋଗ ମିଳିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ରୋଜଗାର ଭଲ ହେବ। ମଧ୍ୟାହ୍ନେ ଟେନ୍‌ସନ୍ ଦେଖାଦେବ । ଗୃହେ ଶାନ୍ତି ଶୃଙ୍ଖଳା ରହିବ । ଉତ୍ତମ ଭୋଜନ ମିଳିବ ।



**ମକର:** କ୍ରୋଧର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା । ମହିଳାମାନେ ସୁଖୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଉତ୍ତମ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସହ ମତାନ୍ତର ଦେଖାଦେବ । ଦ୍ରବ୍ୟ ନଷ୍ଟ ହେବାର ଯୋଗ । ଗୃହରେ କଳହ ସୃଷ୍ଟି ହୋଇପାରେ । ପିଲାମାନଙ୍କ ପାଇଁ ଆନନ୍ଦ ଅନୁଭବ କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ମୀନ:** ପାରିବାରିକ କଳହ ସୃଷ୍ଟି ହୋଇପାରେ । ଅନେକ କ୍ଷେତ୍ରରେ ବିଜୟୀ ହେବେ । ଠକାମିରେ ପଡ଼ିପାରନ୍ତି । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୩।୧।୨୦୨୫, ପୌଷ ଦି୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୨୪।୩୧** **ଚନ୍ଦ୍ରୋଦୟ- ଦିଘ ୪।୫୨।୧୬**

**ପୂର୍ଣ୍ଣିମା-** ରାଘ ୩।୫୭ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୧୦।୩୯ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ରାଘ ୪।୧୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୪।୧୯ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ରାଘ ୪।୧୯ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୩।୫୭ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୦ ମଧ୍ୟେ । ଦିଘ ୯।୨୩ ଗତେ ଘ ୧୧।୩୪ ମଧ୍ୟେ । **ପର୍ବୋତ୍ସବ-** ପୌଷ ପୂର୍ଣ୍ଣିମା, ଦେବାଭିଷେକ, ମହୋଦଧି ଆଳତି, ଶ୍ରୀମନ୍ଦିରେ ଶ୍ରୀଜୀୟୁ ମାନଙ୍କ ରାଜାଧିରାଜ ବେଶ ।

ପ୍ରସଙ୍ଗତଃ
30 YEARS
ସମ୍ବାଦ କଳିକା

# ୫ ପ୍ରତିଶତ ତଳେ ଗ୍ରାମୀଣ ଦାରିଦ୍ର୍ୟ ହାର

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି । ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱର ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ ।

୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି । ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି ।

ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

# ସ୍ୱୟଂ ଜୀବନ ହିଁ ଧର୍ମ - ସ୍ୱାମୀ ବିବେକାନନ୍ଦ



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ) ଓ
ଅଧିବକ୍ତା
ମୋ: ୯୪୩୭୦୪୧୩୦୦

ସ୍ୱାମୀ ବିବେକାନନ୍ଦଙ୍କ ମତରେ କର୍ମ କରିବା ହିଁ ଉପାସନା କରିବା, ବିଜୟ ପ୍ରାପ୍ତ କରିବା ହିଁ ତ୍ୟାଗ ଅଟେ । ସ୍ୱୟଂ ଜୀବନ ହିଁ ଧର୍ମ ଅଟେ । କର୍ମ ଜ୍ଞାନ-ଭକ୍ତି ଠାରୁ ଭିନ୍ନ ନୁହେଁ ବରଂ ଏହା ଅଭିବ୍ୟକ୍ତି । ଯେପରି ଭାଷା ସାହିତ୍ୟର ଅଭିବ୍ୟକ୍ତି, ସେପରି ଧର୍ମର ଅଭିବ୍ୟକ୍ତି ହିଁ କର୍ମଜ୍ଞାନ ବା ଭକ୍ତି। କର୍ମ ଜ୍ଞାନ ଏବଂ ଭକ୍ତି ଗୋଟିଏ ମୁଦ୍ରାର ଦ୍ୱୟ ପାର୍ଶ୍ୱ । ସ୍ୱୟଂ ଜୀବନର କର୍ମ ହିଁ ଧର୍ମ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଶବ୍ଦରେ, ସ୍ୱାମୀ ବିବେକାନନ୍ଦଙ୍କ ଧର୍ମ ରାଷ୍ଟ୍ରୀୟତାକୁ ଉତ୍ତେଜନା ଦେବାପରି ଧର୍ମ ଥିଲା, ନୂତନ ପିଢ଼ି ଲୋକମାନଙ୍କ ହୃଦୟରେ ସେ ଭାରତ ପ୍ରତି ଭକ୍ତିଭାବ ଜାଗ୍ରତ, ସେମାନଙ୍କ ଅତୀତ ପ୍ରତି ଗୌରବ ଗାଥା ଏବଂ ସେମାନଙ୍କ ଭବିଷ୍ୟତ ପ୍ରତି ନୂତନ ଆସ୍ଥା ଉତ୍ପନ୍ନ କରିଥିଲା। ତାଙ୍କର ଉଦ୍‌ଘୋଷଣା ଦ୍ୱାରା ଲୋକମାନଙ୍କ ମଧ୍ୟରେ ଆତ୍ମ ନିର୍ଭରତା ଏବଂ ସ୍ୱାଭିମାନର ଭାବନା ଜାଗ୍ରତ କରିଥିଲା। ଆମର ଏହି ମହାନ ଭାରତ ବର୍ଷରେ ଶ୍ରୀରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପରି ମହାପୁରୁଷ ଦ୍ୱୟଙ୍କ ଅବତରଣ ଏକ ଅଦ୍ଭୁତ, ଅନୁପମ ଏବଂ ଅଦ୍ୱିତୀୟ ଘଟଣା ଅଟେ । ଶ୍ରୀରାମକୃଷ୍ଣ ପରମହଂସଙ୍କ ଦ୍ୱାରା ସାଧନା ପୂର୍ବକ ଧର୍ମର ଯେଉଁ ଅପୂର୍ବ ଅନୁଭୂତିମାନ ପ୍ରାପ୍ତ ହୋଇଥିଲା, ସେସବୁର ବ୍ୟବହାରିକ ସିଦ୍ଧାନ୍ତ ସମୂହର ପ୍ରତିପାଦନ କରିବାର କାର୍ଯ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ସଫଳ ଭାବରେ ରୂପାୟନ ହୋଇଥିଲା । ଡଃ ରାମଧାରୀ ସିଂହ ଦିନକର ଗୋଟିଏ ସ୍ଥାନରେ ଯଥାର୍ଥରେ ଲେଖିଛନ୍ତି ରାମକୃଷ୍ଣ ଏବଂ ବିବେକାନନ୍ଦ ଗୋଟିଏ ଜୀବନର ଦୁଇଟି ଅଂଶ ଏବଂ ଏକ ସତ୍ୟର ଦୁଇପକ୍ଷ ଅଟନ୍ତି। ରାମକୃଷ୍ଣ ଅନୁଭୂତି ଥିଲେ, ବିବେକାନନ୍ଦ ଏହାର କ୍ରିୟା-ପକ୍ଷର ଆଖ୍ୟାନ କରିଥିଲେ । ଯଦି ରାମକୃଷ୍ଣ ହିନ୍ଦୁ ଧର୍ମର କମଣ୍ଡଳୁ ମଧ୍ୟରେ ବନ୍ଦୀ ହୋଇଥିବା ଗଙ୍ଗା ଥିଲେ, ତେବେ ବିବେକାନନ୍ଦ ଏହି ଗଙ୍ଗାର ଭଗୀରଥ ଥିଲେ । ସେ ସେହି ପବିତ୍ର ଗଙ୍ଗାଜଳକୁ କମଣ୍ଡଳୁ ମଧ୍ୟରୁ ବାହାର କରି ସମଗ୍ର ବିଶ୍ୱରେ ଖେଳାଇ ଦେଇଥିଲେ ।

ସ୍ୱାମୀଜୀ ବହୁ ମହତ ଉଦ୍ଦେଶ୍ୟ ରଖି ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ । ସେ ଅନୁଭବ କରିଥିଲେ, ସବୁଠାରୁ ବଡ଼ କାର୍ଯ୍ୟ ଧର୍ମର ପୁନଃସ୍ଥାପନା । ବୁଦ୍ଧିବାଦୀ ମନୁଷ୍ୟମାନଙ୍କର ଧର୍ମ ଉପରେ ଶ୍ରଦ୍ଧା, ବିଶ୍ୱାସ କେବଳ ଭାରତ ବର୍ଷରେ ନୁହେଁ, ଅପିତୁ ସମସ୍ତ ଦେଶରେ ଦୋଦୁଲ୍ୟମାନ ହୋଇଯାଇଛି। ୧୧ସେପ୍ଟେମ୍ବର ୧୮୯୩ ମସିହାରେ ସିକାଗୋ ସହରର 'ଆର୍ଟ ଇନ୍‌ଷ୍ଟିଚ୍ୟୁଟ'ର ପ୍ରସିଦ୍ଧ ସମ୍ମିଳନୀ କକ୍ଷରେ ସାତହଜାର ଶ୍ରୋତାଙ୍କ ଉପସ୍ଥିତିରେ 'ଆମେରିକାର ଭଉଣୀ ଓ ଭାଇମାନେ' ସମ୍ବୋଧନକାରୀ ବାକ୍ୟାଂଶ ସମସ୍ତଙ୍କ ହୃଦୟରେ ତରଙ୍ଗ ଭରି ଦେଇଥିଲା । ଆମର ଧର୍ମ କିପରି ନାରୀଜାତିକୁ ସମ୍ମାନ ଦିଏ ଏବଂ ଆମ ସନାତନ ଧର୍ମରେ କିପରି ସର୍ବାଗ୍ରେ ନାରୀ ଜାତି ଚିରବନ୍ଦନୀୟା ତାହା ସେ ସୂଚାଇ ଦେଇଥିଲେ । ତାପରେ ଭାରତୀୟ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍‌ର' ଅବଧାରଣା ସହିତ ଉପସ୍ଥିତ ଶ୍ରୋତାଗଣଙ୍କର ପରିଚୟ ହୋଇଥିଲା । ବୈଶ୍ୱିକ ପରିବାରର ବିଚାରଧାରାର ଏହି ସମ୍ବୋଧନ ଥିଲା ଆଧାରଶିଳା, ଯାହା ସମସ୍ତ ବନ୍ଧୁମାନଙ୍କ ଉପରେ ଚୁମ୍ବକୀୟ ପ୍ରଭାବ ପକାଇଥିଲା। ସ୍ୱାମୀଜୀ ନିଜ ବ୍ୟାଖ୍ୟାନରେ କହିଥିଲେ, ମୁଁ ଏପରି ଏକ ଧର୍ମର ଅନୁଗାମୀ ହୋଇଥିବାରୁ ନିଜକୁ ଗର୍ବ ଅନୁଭବ କରୁଛି ଯାହା ସମଗ୍ର ବିଶ୍ୱକୁ ସହିଷ୍ଣୁତା ତଥା ସାର୍ବଭୌମ ସଂସ୍କୃତି ଉଭୟର ଶିକ୍ଷା ପ୍ରଦାନ କରିଥାଏ । ଆମ୍ଭେମାନେ ସମସ୍ତେ ବିଭିନ୍ନ ଧର୍ମ ପ୍ରତି ସହିଷ୍ଣୁତାରେ ବିଶ୍ୱାସ କରୁ ଏବଂ ସମସ୍ତ ଧର୍ମକୁ ସତ୍ୟନିଷ୍ଠ ଭାବରେ ସ୍ୱୀକାର କରୁ । ମୁଁ ଏପରି ଏକ ଦେଶର ବ୍ୟକ୍ତି ହୋଇଥିବାରୁ ନିଜକୁ ଅତ୍ୟନ୍ତ ଗର୍ବ ଅନୁଭବ କରେ ଯାହା ଏହି ପୃଥିବୀରେ ସମସ୍ତ ଧର୍ମ ଏବଂ ଦେଶର ଉତ୍ପୀଡ଼ିତ ବର୍ଗ ତଥା ଶରଣାର୍ଥୀ ମାନଙ୍କୁ ଆଶ୍ରୟ ପ୍ରଦାନ କରିଅଛି।

ସାଂପ୍ରଦାୟିକତା ହିଁ ଧର୍ମାନ୍ଧତା ଏବଂ ଏହାର ବିଭତ୍ସ ବଂଶଧରଗଣ ଧର୍ମାନ୍ଧତା ନାମରେ ଆମର ଏହି ସୁନ୍ଦର ପୃଥ୍ୱୀ ଉପରେ ବହୁତ କାଳପର୍ଯ୍ୟନ୍ତ ରାଜ୍ୟ କରି ସାରିଛନ୍ତି । ସେମାନେ ଧରିତ୍ରୀକୁ ହିଂସାରେ ପୂର୍ଣ୍ଣକରି ଦେଇଛନ୍ତି । ଏହାକୁ ବାରମ୍ବାର ମାନବତାର ରକ୍ତରେ ସ୍ନାନ କରିଛନ୍ତି । ସଭ୍ୟତାକୁ ବିଧ୍ୱସ୍ତ କରିଛନ୍ତି ଏବଂ ସମଗ୍ର ଦେଶକୁ ନିରାଶା ଗର୍ତ୍ତରେ ପକାଇ ଦେଇଛନ୍ତି। ଯଦି ସେମାନେ ବିଭତ୍ସ ଦାନବ ହୋଇ ନଥାନ୍ତେ, ତେବେ ଆମର ସମାଜ ଆଜିର ଅବସ୍ଥାଠାରୁ ଆହୁରି କେତେ ସମୁନ୍ନତ ହୋଇ ଯାଇଥାଆନ୍ତା କିନ୍ତୁ ଏବେ ସେହି ସମୟ ଆସିଯାଇଛି ଏବଂ ମୁଁ ଆନ୍ତରିକ ରୂପେ ଆଶା କରିଛି ଯେ ଆଜି ପ୍ରାତଃ କାଳରେ ଏହି ସଭାର ସମ୍ମାନରେ ଯେଉଁ ଘଣ୍ଟାଧ୍ୱନି ହୋଇଥିଲା, ତାହା ସମସ୍ତ ଧର୍ମାନ୍ଧତାର, ତରବାରୀ କିମ୍ବା ଲେଖନୀ ଦ୍ୱାରା ସଂଗଠିତ ହେଉଥିବା ସମସ୍ତ ଉତ୍ପୀଡ଼ନର ତଥା ଏକ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ମାନବର ପାରମ୍ପରିକ କଟୁତାର ମୃତ୍ୟୁ ନିନାଦ ସିଦ୍ଧ ହେଉ । ତାଙ୍କର ଏହି ବାଣୀ ଏବେବି କୋଟି ଭାରତବାସୀଙ୍କ ମନରେ ଝଙ୍କୃରିତ ଏବଂ ଚିର ଉପାଦେୟକ ।

ଏଠାରେ କହି ରଖେ ଯେ 'ମୁଁ' ଭଳି ଅହଂତ୍ୱର ଉଗ୍ର ବିସ୍ତାରୀକରଣ ସଂସାରରେ ପ୍ରାକୃତିକ ପରିବର୍ତ୍ତନର ଏକ ମନ୍ଦ ଆଭାସ । ଯଦି ପରିବର୍ତ୍ତନ ହିଁ ପଶ୍ଚାତଧାବନର ସ୍ୱରୂପ ଓ ସ୍ୱଧର୍ମ କି ସ୍ୱଭାବ ବୋଲି ଆମେ ମନେ କରିବା ତେବେ ଏହା ସତ୍ୟ ଯେ ଆତ୍ମସତ୍ତାରେ 'ମୁଁ' ର ଅହଂପ୍ରସୂତ ଗୁଣସୂତ୍ରଟି ସବୁକାଳରେ ନିଜର ମନମୁତାବକ ଦାବି ହାସଲ କରିବାରେ କେବେ ବି ସଂସାରରେ ସମର୍ଥ ହେବନି କି ସମାଜର ସତ୍ତାକୁ ନଷ୍ଟ କରିପାରିବ ନାହିଁ 'ତେଣୁ ମଣିଷର କର୍ମ ମଣିଷର ଧର୍ମ'। ତେଣୁ ଭାଗବତରେ ଅଛି 'କର୍ମ ମୋହର ନିଜ ଗୁରୁ ଉଦ୍ଧବ କେତେ ତୁ ପଚାରୁ । ତେଣୁ 'ଧୃତରାଷ୍ଟ୍ର'ଙ୍କ ପରି ସବୁ ଜାଣି ଅଧର୍ମର ପକ୍ଷ ନେବା କେତେ ଯେ ପୀଡ଼ାଦାୟକ, ତାହା ଶେଷ ଜୀବନରେ ତାଙ୍କୁ ଅନୁଭୂତି ହୋଇଥିଲା। ତେଣୁ ବ୍ୟକ୍ତି ସତ୍ତାରେ ଏବଂ ସର୍ବୋପରି ରାଷ୍ଟ୍ର ସତ୍ତାରେ କର୍ମ ହିଁ ଧର୍ମର ସଜ୍ଞା ନିରୂପଣ କରେ । ରାଷ୍ଟ୍ରସତ୍ତାର ମୁଖ୍ୟ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କିଙ୍କର ଅବସ୍ଥା ଆଜି କ'ଣ ? ବିଶ୍ୱର କୁଖ୍ୟାତ ସୌଦାଗରଙ୍କ ହାତବାରିସୀ ହୋଇ 'ମୁଁ'ର ଉପତ୍ୟକାରେ ପରିଭ୍ରମିତ ହୋଇ ସୁନ୍ଦର ସ୍ୱର୍ଗସମ ରାଜ୍ୟକୁ ଧ୍ୱଂସ ମୁଖକୁ ଠେଲିଦେଲେ ଏବଂ ହଜାର ହଜାର ବର୍ଷର କଳା ସ୍ଥାପତ୍ୟ ଏବଂ ଉଚ୍ଚ ବର୍ଦ୍ଧମାନ ସୂଚକ ଆର୍ଥିକ ଏବଂ ସାମାଜିକ ଅବସ୍ଥା ଆଜି ବିଧ୍ୱସ୍ତ।

ତେଣୁ ରାଷ୍ଟ୍ରରେ ସମସ୍ତ ବ୍ୟକ୍ତି ସତ୍ତାରେ ଏହି ଭାବ ଜାଗ୍ରତ ହେବା ଦରକାର ଯେ ରାଷ୍ଟ୍ର ସର୍ବୋପରି । ଅଧର୍ମ କର୍ମର କେବେ ବି ସଜ୍ଞା ହୋଇପାରେ ନାହିଁ। ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ ମୂର୍ତ୍ତିମନ୍ତ କରିବା ପାଇଁ ଆଜିର ଏ ସ୍ୱେଚ୍ଛାଚାରୀ ରାଜନୀତିକ ତତ୍ତ୍ୱମାନେ ଯେଭଳି ହୀନ ବୁଦ୍ଧି ଆଚରଣ କରି ଦେଶର ସାର୍ବଭୌମତ୍ୱକୁ ବିପନ୍ନ କରିବାରେ ଗଳଦ୍‌ଘର୍ମ ପ୍ରଚେଷ୍ଟା ଜାରି ରଖିଛନ୍ତି। ସେମାନେ ଅନୁଭବ କରିବା ଉଚିତ୍ ଯେ ହୋମାଗ୍ନିରେ ଘୃତର ଆହୁତି ଦିଆସାରିବା ପରେ ସେଥିରୁ ଆଉ ଧୂଆଁ ନୁହେଁ କେବଳ ଲେଲିହାନ ଅଗ୍ନି ହିଁ ପ୍ରକଟିତ ହୋଇ ଅସତ୍ୟ ଅଧର୍ମକୁ ତାହା ନାଶ କରିବ ହିଁ କରିବ ସିନା, ଏଥିରେ ଅନ୍ୟଥା ନାହିଁ। ତେଣୁ ଅଧର୍ମର ବିନାଶ ପାଇଁ ଯେ ଅଣ୍ଟା ଭିଡ଼େ- ସେ ହିଁ ସମକାଳର ଈଶ୍ୱର । ଯେ ଦଳଗତ ରାଜନୀତିକ ଫଳ ପ୍ରାପ୍ତି- ଅପ୍ରାପ୍ତିରୁ, ଊର୍ଦ୍ଧ୍ୱରେ ଥିବା କେହି ଜଣେ ସତ୍ୟନିଷ୍ଠ- ସଂକଳ୍ପିତ ପୁରୁଷାର୍ଥ । ଅନେକ ଆକୁଳ ହୃଦୟର ଗୋପନ କାନ୍ଦ ଲୁହ ତରର ସେ ଦେବତା। 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ' ର ସେ ହିଁ ପ୍ରତୀକ ଈଶ୍ୱର।

ତାଙ୍କ ମତରେ କର୍ମ କରିବା ହିଁ ଈଶ୍ୱର ଉପାସନା, ସତକର୍ମ'- ହିଁ ଧର୍ମର ବାହକ। 'ଅସତ୍ୟ' ଅଧର୍ମର ବାହକ। ବିଜୟ ପ୍ରାପ୍ତ ହିଁ ତ୍ୟାଗ ଅଟେ। ଜୀବନ ହିଁ ଧର୍ମ ଅଟେ। କର୍ମ ଜ୍ଞାନ ଭକ୍ତି ଠାରୁ ଭିନ୍ନ ନୁହେଁ ବରଂ ଏହା ଏକ ଅଭିବ୍ୟକ୍ତି। ସତ୍ୟନିଷ୍ଠ ନୈତିକ ବଳ ଏବଂ ଆଧ୍ୟାତ୍ମିକତାର କୌଣସି ପ୍ରଭେଦ ନାହିଁ। ତେଣୁ ଧର୍ମର ଅଭିବ୍ୟକ୍ତି ହିଁ କର୍ମ। ତେଣୁ ଆମର ପ୍ରିୟ ଓଡ଼ିଆ କବି ରାଧାନାଥ ରାୟ ଯଥାର୍ଥରେ କହିଛନ୍ତି:-

'ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ ଦଣ୍ଡ' କର୍ମେ ଜିଏଁ ନରି କର୍ମ ଏକା ତାର ଜୀବନର ମାନଦଣ୍ଡ'।

ସ୍ୱାମୀଜୀ ଅନୁଭବ କରିଥିଲେ, ମସ୍ତିଷ୍କର ଭାଷା ସର୍ବତ୍ର ପହଞ୍ଚି ପାରେ ନାହିଁ କିନ୍ତୁ ହୃଦୟର ଭାଷା ତୃଣ ଠାରୁ ଆରମ୍ଭ କରି ଭଗବାନ ପର୍ଯ୍ୟନ୍ତ ସମସ୍ତେ ବୁଝି ପାରନ୍ତି। ତେଣୁ ଆଚାର୍ଯ୍ୟ ଶଙ୍କରଙ୍କ ତୁଲ୍ୟ ପ୍ରଜ୍ଞା ଏବଂ ବୁଦ୍ଧଦେବଙ୍କ ପରି ବିଶାଳ ହୃଦୟର ଏକତ୍ର ସମାବେଶ ହିଁ ଆଜି ନବଯୁଗର ପଥପ୍ରଦର୍ଶକ। ମାନବ ପ୍ରେମିକ, ରାଷ୍ଟ୍ର ନିର୍ମାଣର ପଥ ପ୍ରଦର୍ଶକ, ଧର୍ମ ସଂସ୍କାରକ, ମାନବ ସେବା- ସାଧବ ସେବା' ପ୍ରଣେତାଙ୍କୁ ତାଙ୍କର ୧୬୨ ତମ ଶୁଭ ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ବିକଶିତ ଭାରତ ଗଠନରେ ପ୍ରବାସୀ



ପ୍ରଭୁକଲ୍ୟାଣ ମହାପାତ୍ର
ମୋ : ୯୯୩୭୭୧୧୩୮୯

ଅଷ୍ଟାଦଶ ବା ଅଠର ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗରୀରେ ଅନୁଷ୍ଠିତ ହୋଇଛି । ଓଡ଼ିଶାରେ ପ୍ରଥମ ଥର ଲାଗି ଏହି ସମ୍ମିଳନୀ ଆୟୋଜିତ ହେଉଥିବାରୁ ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ଗଭୀର ଉତ୍ସାହ ପ୍ରକାଶ ପାଇଥିଲା। ପ୍ରତ୍ୟେକ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଚର୍ଚ୍ଚା ପାଇଁ ନର୍ଦ୍ଦିଷ୍ଟ ବିଷୟବସ୍ତୁ ସ୍ଥିରୀକୃତ ହୋଇଥାଏ। ତଦନୁସାରେ ଏଥରର ସମ୍ମିଳନୀ ପାଇଁ ମଧ୍ୟ ବିଷୟବସ୍ତୁ ନିରୂପଣ କରାଯାଇଥିଲା। ''ବିକଶିତ ଭାରତ ଗଠନ ସଂକଳ୍ପରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ'' ହେଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଆଲୋଚନା ଲାଗି ଧାର୍ଯ୍ୟ ହୋଇଥିବା ବିଷୟବସ୍ତୁ। ବିଷୟବସ୍ତୁର ନାମକରଣରୁ ହିଁ ଜଣାପଡ଼େ ଯେ, ବିକଶିତ ଭାରତବର୍ଷ ଗଠନ ଲାଗି ଦରିଆପାରି ଭାରତୀୟଙ୍କ ଭାଗିଦାରିତା ଉପରେ କେନ୍ଦ୍ର ସରକାର କେତେ ଅଧିକ ପରିମାଣରେ ଗୁରୁତ୍ୱ ଦେଉଛନ୍ତି। ପ୍ରବାସୀ ଭାରତୀୟ ସଂପ୍ରଦାୟ ସହିତ କେନ୍ଦ୍ର ସରକାରଙ୍କ ସଂପର୍କ ସୁଦୃଢ଼ କରିବା, ସେମାନଙ୍କୁ ତାଙ୍କର ସାଂସ୍କୃତିକ ମୂଳଭିତ୍ତି ସାଂଗରେ ପୁନଃସଂଯୁକ୍ତ କରିବା ହେଉଛି ପ୍ରବାସୀ ଭାରତୀୟ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ। ଅପରପକ୍ଷେ ଦରିଆପାରି ଭାରତୀୟଙ୍କ ମାଧ୍ୟମରେ ବିଶ୍ୱ ଦରବାରରେ ଆମ ଦେଶର ଛବି ବା ଭାବମୂର୍ତ୍ତି ପରିବର୍ଦ୍ଧିତ କରିବା ଏବଂ ବିକଶିତ ଭାରତ ଗଠନରେ ସେମାନଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା ମଧ୍ୟ ଏହି ସମ୍ମିଳନୀର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ। ୨୦୦୩ ମସିହା ଠାରୁ ଜାନୁଆରୀ ୯ ତାରିଖକୁ 'ପ୍ରବାସୀ ଭାରତୀୟ ଦିବସ' ରୂପେ ପାଳନ କରାଯାଉଛି । ତେବେ କୋଭିଡ ମହାମାରୀରେ ସମଗ୍ର ପୃଥିବୀ ପ୍ରଭାବିତ ହୋଇଥିବା ଯୋଗୁଁ ସେତେବେଳେ ଏହି କାର୍ଯ୍ୟକ୍ରମ ସ୍ଥଗିତ ରଖା ଯାଇଥିଲା। ୨୦୨୧ ମସିହା ଜାନୁଆରୀ ୯ ତାରିଖରେ'ଭର୍‌ଚୁଆଲ' ମାଧ୍ୟମରେ ପ୍ରବାସୀ ଭାରତୀୟ ଦିବସ ପ୍ରତୀକାତ୍ମକ ଭାବେ ପାଳନ କରାଯାଇଥିବାବେଳେ ଗତ ବର୍ଷ ଅର୍ଥାତ୍ ୨୦୨୩ ମସିହା ଜାନୁଆରୀ ୯ ତାରିଖ ଦିନ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିବା ଇନ୍ଦୋର ପ୍ରବାସୀ ଭାରତୀୟ ଦିବସରେ ଚର୍ଚ୍ଚାର ବିଷୟବସ୍ତୁ ଥିଲା - 'ପ୍ରବାସୀ : ଅମୃତ କାଳରେ ଭାରତର ପ୍ରଗତି ପାଇଁ ନିର୍ଭରଯୋଗ୍ୟ ସହଭାଗୀ ବା ଅଂଶୀଦାର।' ଭୁବନେଶ୍ୱରର ତିନି ଦିନ ବ୍ୟାପୀ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। ଏହି ସମ୍ମିଳନୀର ପ୍ରଥମ ଦିବସ ଅର୍ଥାତ୍ ଜାନୁଆରୀ ଆଠ ତାରିଖକୁ 'ଯୁବ ପ୍ରବାସୀ ଭାରତୀୟ ଦିବସ' ଭାବରେ ପାଳନ ନିମନ୍ତେ ସ୍ଥିରୀକୃତ ହୋଇଥିଲା। ଅବଶିଷ୍ଟ ଦୁଇ ଦିନରେ ପାଞ୍ଚୋଟି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ପ୍ଲେନାରି-ସେସନ ବା ସଂପୂର୍ଣ୍ଣ ଅଧିବେଶନରେ ସବିଶେଷ ଆଲୋଚନା ହୋଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଇଥିଲା। 'ପ୍ଲେନାରି ସେସନ'ରେ ଆଲୋଚିତ ହୋଇଥିବା ପାଞ୍ଚୋଟି ମହତ୍ୱପୂର୍ଣ୍ଣ ବିଷୟବସ୍ତୁ ହେଲା - (୧) ସୀମା ପାର : ଜଗତୀକରଣ ପୃଥିବୀରେ ପ୍ରବାସୀ ଯୁବ ନେତୃତ୍ୱ, (୨) ସେତୁ ନିର୍ମାଣ, ପ୍ରତିବନ୍ଧକ ଭଂଗ : ପ୍ରବାସୀ ଦକ୍ଷ ଲୋକଙ୍କ କାହାଣୀ, (୩) ସବୁଜ ସଂଯୋଗ : ସମର୍ଥନୀୟ ବିକାଶ ପାଇଁ ପ୍ରବାସୀଙ୍କ ଅବଦାନ, (୪) ପ୍ରବାସୀ ଦିବସ : ମହିଳାମାନଙ୍କ ନେତୃତ୍ୱ ଓ ପ୍ରଭାବ - ନାରୀଶକ୍ତି ପାଳନ, (୫) ପ୍ରବାସୀଙ୍କ ମତ ବିନିମୟ : ସଂସ୍କୃତି, ସଂଯୋଗ, ଆନନ୍ଦ ଅନୁଭବପ୍ରଦ ସୁରକ୍ଷିତ ସଂପର୍କ ସମ୍ବନ୍ଧୀୟ କାହାଣୀ। ସେହିପରି ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୩୦ ଜଣ ଦରିଆପାରି ବ୍ୟକ୍ତିବିଶେଷଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ'ପୁରସ୍କାର ପ୍ରଦାନ କରାଶାଇଥିଲା। 'ପ୍ରବାସୀ ଭାରତୀୟ ସମ୍ମାନ' ପୁରସ୍କାର ହେଉଛି ଭାରତୀୟ ବଂଶୋଦ୍ଭବ ପ୍ରବାସୀମାନଙ୍କ ଲାଗି ଦେଶର ସର୍ବୋଚ୍ଚ ସମ୍ମାନ। ଭାରତର ବିକାଶ ଧାରାକୁ କ୍ଷିପ୍ରତର କରିବାରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ପ୍ରବାସୀ ଭାରତୀୟମାନଙ୍କୁ ଦେଶର ରାଷ୍ଟ୍ରପତି ହିଁ ଏହି ସମ୍ମାନ ପ୍ରଦାନ କରିବେ। ୧୯୧୫ ମସିହା ଜାନୁଆରୀ ୯ ତାରିଖ ଦିନ ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ପରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ତେଣୁ ସେହି ଦିବସକୁ ମନେ ରଖିବା ପାଇଁ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୨୦୦୩ ମସିହା ଜାନୁଆରୀ ୯ ତାରିଖକୁ ପ୍ରଥମେ 'ପ୍ରବାସୀ ଭାରତୀୟ ଦିବସ' ରୂପେ ପାଳନ କରାଯାଇଥିଲା। ୨୦୦୩ ଠାରୁ ୨୦୧୫ ମସିହା ପର୍ଯ୍ୟନ୍ତ 'ପ୍ରବାସୀ ଭାରତୀୟ ଦିବସ' ବାର୍ଷିକ କାର୍ଯ୍ୟକ୍ରମ ହିସାବରେ ପରିପାଳନ କରାଯାଇଥିଲା। ତାପରେ ଏହା ଦ୍ୱି-ବାର୍ଷିକ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରାଯାଇଛି। ଭାରତ ଓ ପ୍ରବାସୀ ବା ଦରିଆପାରି ଭାରତୀୟ ମାନଙ୍କ ସଂଯୋଗକୁ ଦୃଢ଼ୀଭୂତ କରିବା ଏବଂ ବାଣିଜ୍ୟ, ସଂସ୍କୃତି, ପ୍ରଯୁକ୍ତିବିଦ୍ୟା, ନବସୃଜନ ଆଦି କ୍ଷେତ୍ରରେ ଦରିଆପାରି ଭାରତୀୟ ମାନଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକାର କରିବା ଲକ୍ଷ୍ୟରେ ଏହି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ସମୟକ୍ରମେ ଏହା ଏକ ବିଶାଳ ମଞ୍ଚରେ ପରିଣତ ହୋଇଛି, ଯେଉଁଠି ଭାରତର ଅଭିବୃଦ୍ଧି ଯାତ୍ରାରେ ପ୍ରବାସୀମାନଙ୍କୁ ସାମିଲ କରିବା ସଂପର୍କିତ ଚର୍ଚ୍ଚା, ସହାୟତା ଓ ନୀତି ସୁପାରିଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ ସଂପାଦିତ ହେଉଛି। ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ପ୍ରବାସୀ ଭାରତୀୟ ଦିବସ' ପାଳନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶା ସରକାର ସହାୟତା କରୁଛନ୍ତି। ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପୃଥିବୀର ବିଭିନ୍ନ ଦେଶରେ ବସବାସ କରୁଥିବା ଅନେକ ପ୍ରବାସୀ ଭାରତୀୟ ଭୁବନେଶ୍ୱର ଆସୁଛନ୍ତି। ଭାରତର ବିକାଶର ଗତିକୁ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ସହିତ ଓଡ଼ିଶାର ଅଭିବୃଦ୍ଧି ହାର ପରିବର୍ଦ୍ଧନରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଭାରତ ହେଉଛି ପୃଥିବୀର ଏପରି ଏକ ଦେଶ ଯେଉଁଠାରୁ ପ୍ରତିବର୍ଷ ସର୍ବାଧିକ ସଂଖ୍ୟକ ଲୋକ ଅନ୍ୟ ଦେଶକୁ ଚାଲି ଯାଉଛନ୍ତି। ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡ଼େ ପ୍ରତ୍ୟେକ ବର୍ଷ ୨ ଦଶମିକ ୫ ନିୟୁତ ବା ୨୫ ଲକ୍ଷ ଭାରତୀୟ ଦେଶ ଛାଡ଼ି ବିଦେଶ ଗମନ କରୁଛନ୍ତି। ଗତ ନଭେମ୍ବର ମାସ ସୁଦ୍ଧା ପୃଥିବୀର ବିଭିନ୍ନ ଦେଶରେ ୩୫ ଦଶମିକ ୪୨ ନିୟୁତ ପ୍ରବାସୀ ବସବାସ କରୁଛନ୍ତି। ପ୍ରବାସୀ ଭାରତୀୟମାନେ ଏତେ ଅଧିକ ସଂଖ୍ୟାରେ ଅଛନ୍ତି ଯେ, ଏପରିକି ସେମାନେ ବସବାସ କରୁଥିବା ଦେଶର ଅର୍ଥନୀତି, ସାମାଜିକ ନୀତି ଓ ରାଜନୀତିକୁ ମଧ୍ୟ ବହୁଳ ଭାବରେ ପ୍ରଭାବିତ କରୁଛନ୍ତି। ସେମାନଙ୍କ ମଧ୍ୟରେ ଗୁଗୁଲ କମ୍ପାନୀର ନେତୃତ୍ୱ ନେଉଥିବା ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ କମ୍ପାନୀକୁ ଦିଗ୍ ଦର୍ଶନ ଦେଉଥିବା ସତ୍ୟ ନାଦେଲାଙ୍କ ଭଳି କ୍ଷମତାଶାଳୀ ବ୍ୟକ୍ତି ବ୍ୟବସାୟର ନେତୃତ୍ୱ ନେଉଛନ୍ତି। ପ୍ରବାସୀ ଭାରତୀୟମାନେ ଅଧିକ ସଂଖ୍ୟାରେ ବସବାସ କରୁଥିବା ପୃଥିବୀର ୧୨ ଦେଶ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଇଉନାଇଟେଡ଼ ଆରବ ଏମିରେଟସ, ମାଲେସିଆ, କାନାଡ଼ା, ସାଉଦି ଆରବିଆ, ମ୍ୟାମାର, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, କୁଏତ୍, ଅଷ୍ଟ୍ରେଲିଆ, ମରିଶସ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାରେ ୫ ଦଶମିକ ୪ ନିୟୁତ ପ୍ରବାସୀ ଭାରତୀୟ ଅବସ୍ଥାନ କରୁଥିବା ବେଳେ ଇଉନାଇଟେଡ଼ ଏମିରେଟସରେ ୩.୯, ମାଲେସିଆରେ ୨.୯, କାନାଡ଼ାରେ ୨.୯, ସାଉଦି ଆରବିଆରେ ୨.୫, ମ୍ୟାମାରରେ ୨.୦, ଇଂଲଣ୍ଡ ୧.୯, ଦକ୍ଷିଣ ଆଫ୍ରିକାରେ ୧.୭, ଶ୍ରୀଲଙ୍କାରେ ୧.୬ ନିୟୁତ ଦେଶାନ୍ତରୀ ଭାରତୀୟ ବସବାସ କରୁଛନ୍ତି। ମଧ୍ୟ ପ୍ରାଚ୍ୟର ଇଉନାଇଟେଡ଼ ଏମିରେଟସ, ସାଉଦି ଅରବିଆ ଓ କୁଏତ ଭଳି ଦେଶକୁ ବିପୁଳ ସଂଖ୍ୟକ ଭାରତୀୟ ଶ୍ରମିକ ଦେଶାନ୍ତର ହେଉଛନ୍ତି। ପ୍ରବାସୀ ଭାରତୀୟମାନେ ଆମ ଦେଶରେ ଅବସ୍ଥାନ କରୁଥିବା ସେମାନଙ୍କ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ନିକଟକୁ ଅର୍ଥରାଶି ପଠାଉଥିବାରୁ ଭାରତୀୟ ଅର୍ଥନୀତି ଯଥେଷ୍ଟ ପରିମାଣରେ ସମୃଦ୍ଧ ହେଉଛି। ଗତ ୨୦୨୩ ମସିହାରେ ପ୍ରବାସୀ ଭାରତୀୟମାନେ ଆମ ଦେଶରେ ବସବାସ କରୁଥିବା ସେମାନଙ୍କ ଜ୍ଞାତିକୁଟୁମ୍ବଙ୍କ ନିକଟକୁ ରେକର୍ଡ ପରିମାଣ ୧୦୦ ବିଲିୟନ ଆମେରିକୀୟ ଡ଼ଲାର ମୂଲ୍ୟର ଅର୍ଥରାଶି ପ୍ରେରଣ କରିଥିବା ଜଣାପଡ଼ିଛି। ଏଭଳି ପୃଷ୍ଠଭୂମିରେ ଭୁବନେଶ୍ୱରରେ ଆୟୋଜିତ ତିନି ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ରାଜନୈତିକ, ଅର୍ଥନୈତିକ, ସାମାଜିକ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱ ବହନ କରେ ବୋଲି ବିଚାର କରାଯାଉଛି।

# ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଯୁବଶକ୍ତି ଓ ଯୁବ ଚେତନାର ପ୍ରତୀକ ଥିଲେ ସ୍ୱାମୀ ବିବେକାନନ୍ଦ । ସେ ଥିଲେ ଯୁବ ସମାଜର ଆଦର୍ଶ। ଭାରତବର୍ଷରେ ଦେଶଭକ୍ତ ସନ୍ନ୍ୟାସୀ ଭାବେ ପରିଚିତ ସ୍ୱାମୀ ବିବେକାନନ୍ଦ।୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ କଲିକତାର ସିମିଳାପଲ୍ଲୀରେ ପିତା ବିଶ୍ୱନାଥ ଦତ୍ତ ଏବଂ ମାତା ଭୁବନେଶ୍ୱରୀ ଦେବୀଙ୍କର ପ୍ରଥମ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ ସ୍ୱାମୀଜୀ । ପିତା ଜଣେ ବିଶିଷ୍ଟ ଓକିଲ ହୋଇଥିବା ସ୍ଥଳେ ମାତା ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ପିଲାବେଳର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ, ଯିଏ ପରବର୍ତ୍ତୀ କାଳରେ ବିଶ୍ୱ ବରେଣ୍ୟ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦ ହୋଇଥିଲେ। ଆଜି ହେଉଛି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ । ତାଙ୍କ ଜୟନ୍ତୀରେ ଦେଶ ଜାତୀୟ ଯୁବ ଦିବସ ପାଳନ କରୁଛି । ଯୁବଶକ୍ତିର ଉତଥାନ ଦିଗରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଭାରତ ସରକାର ୧୯୮୪ ମସିହା ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବେ ପାଳନକରିବା ପାଇଁ ଘୋଷଣା କରିଥିଲେ ।୧୯୮୫ ରୁ ପ୍ରତିବର୍ଷ ଏହି ଦିବସକୁ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରାଯାଉଛି । ଆଧୁନିକ ଭାରତର ନିର୍ମାତା କୁହାଯାଉଥିବା ସ୍ୱାମୀ ବିବେକାନନ୍ଦଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ବିବେକାନନ୍ଦଙ୍କ ଦର୍ଶନ ଓ ଆଦର୍ଶ ଆଡ଼କୁ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଭାରତ ସରକାର ତାଙ୍କ ଜନ୍ମ ଦିବସକୁ ଜାତୀୟ ଯୁବ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ଆମ ଦେଶ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିବସ । ଜାତୀୟ ଯୁବ ଦିବସ ହେଉଛି ଭାରତର ଯୁବକ ଏବଂ ଯୁବକମାନଙ୍କ ପାଇଁ ଉତ୍ସର୍ଗୀକୃତ ଏକ ବିଶେଷ ଦିନ, ଯେଉଁମାନଙ୍କର ଦେଶର ଭବିଷ୍ୟତକୁ ଉନ୍ନତ ତଥା ସୁସ୍ଥ କରିବାର ସାମର୍ଥ୍ୟ ରହିଛି । ଯୁବ ସମାଜକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ। ସେମାନଙ୍କୁ ନିଜ କର୍ତ୍ତବ୍ୟବୋଧ ପ୍ରତି ସଚେତନ ତଥା ଜାଗ୍ରତ କରିବାକୁ ସର୍ବଦା ଚେଷ୍ଟିତ ରହୁଥିଲେ। ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ବିଖ୍ୟାତ ବିଦ୍ୱାନ, ସନ୍ନ୍ୟାସୀ ତଥା ଦୂରଦର୍ଶୀ ଯୁବବର୍ଗଙ୍କ ମାର୍ଗ ଦର୍ଶକ । ବିବେକାନନ୍ଦ ଥିଲେ ଯୁବବର୍ଗ ପାଇଁ ପ୍ରେରଣାର ଉତ୍ସ । ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ଗୌରବମୟ ଇତିହାସକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିଥିଲେ । ସ୍ୱାମୀ ବିବେକାନନ୍ଦ ଯୁବକଙ୍କ ହୃଦୟରେ ରାଷ୍ଟ୍ରଭକ୍ତି ଜାଗ୍ରତ କରାଇବା ସହିତ ସେମାନଙ୍କୁ ଆଧୁନିକତାରୁ ଆଧ୍ୟାତ୍ମ ସହ ଯୋଡି ରହିବାର ନୂତନ ବିଚାର ଦେଇଯାଇଛନ୍ତି । ବିବେକାନନ୍ଦ ଜଣେ ସନ୍ଥ, ସମାଜସେବୀ ତଥା ପ୍ରେମ ଓ ଶାନ୍ତିର ପ୍ରଚାରକ ଭାବେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜ୍ଞାନ, କର୍ମ, ଦେଶଭକ୍ତି, ଗୁରୁଭକ୍ତି, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବିବେକାନନ୍ଦ। ଭାରତର ପ୍ରାୟ ୬୫ ପ୍ରତିଶତ ଜନତାଙ୍କ ବୟସ ୩୫ ବର୍ଷରୁ କମ । ଏଣୁ ଯୁବସମାଜ ହେଉଛନ୍ତି ଭାରତର ଶକ୍ତି ଓ ଭବିଷ୍ୟତ । ଏଣୁ ଭାରତ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବାକୁ ହେଲେ ଆମକୁ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ପାଳନ କରି ଯୁବ ସମାଜକୁ ସଶକ୍ତ କରିବାକୁ ହେବ । ଯୁବକମାନଙ୍କୁ ସ୍ୱାମୀ ବିବେକାନନ୍ଦ ଥରେ କହିଥଲେ, "ତୁମେ ଯାହା ଭାବୁଛ, ତୁମେ ହେବ । ଯଦି ତୁମେ ନିଜକୁ ଦୁର୍ବଳ ବୋଲି ଭାବୁଛ, ତୁମେ ଦୁର୍ବଳ ହୋଇଯିବ, ଯଦି ନିଜକୁ ଶକ୍ତିଶାଳୀ ବୋଲି ଭାବୁଛ, ତୁମେ ଶକ୍ତିଶାଳୀ ହେବ । ସେ ଆହୁରି ମଧ୍ୟ କହିଛନ୍ତି, "ଉଚ୍ଚକୁ ଦେଖ, ଉଚ୍ଚ ଲକ୍ଷ୍ୟ ରଖ, ଏବଂ ତୁମେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ"। ତାଙ୍କର ବିଭିନ୍ନ ଲେଖା ଭିତରେ ସେ ଯୁବ ସମାଜକୁ ନିର୍ଭୀକ ହେବାପାଇଁ ଉପଦେଶ ଦେଇଯାଇଛନ୍ତି ।ଯୁବକମାନଙ୍କ ପ୍ରତି ତାଙ୍କର ବାର୍ତ୍ତା ସରଳ କିନ୍ତୁ ଶକ୍ତିଶାଳୀ ଥିଲା ।ସ୍ୱାମୀଜୀ କହୁଥିଲେ ଯୁବଶକ୍ତିକୁ ଜାଗ୍ରତ କରି ଦେଶକୁ ଆଗକୁ ନେଇହେବ । ଏଥିପାଇଁ ଆମକୁ ଯୁବଶକ୍ତିକୁ ସଚେତନ ଓ ସଶକ୍ତ କରିବାକୁ ହେବ । ଯୁବକ ମାନଙ୍କୁ ଶାରୀରିକ ଓ ମାନସିକ କ୍ଷେତ୍ରରେ ସୁସ୍ଥ ଓ ପରାକ୍ରମଶାଳୀ ହେବାକୁ ସେ ଶୁଣାଇଛନ୍ତି ତାଙ୍କର ସତର୍କବାଣୀ । ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ ଓ ରାଜଯୋଗ ପ୍ରଭୃତି ସାଧନା ବିଷୟରେ ସେ ଯୁବକମାନଙ୍କୁ ଦେଇଛନ୍ତି ବହୁ ଉପଦେଶ । ସେ ଯାହା କହିଛନ୍ତି ତାହା ଆଜି ଆମ ଦେଶର ଯୁବକମାନଙ୍କ ପାଇଁ ମହତ୍ତ୍ୱ ବହନ କରୁଛି । ଆଜିର ଯୁବସମାଜ ପଥଭ୍ରଷ୍ଟ ଓ ଲକ୍ଷ୍ୟହୀନ ଭାବେ ଘୁରିବୁଲୁଛି । ଯୁବଗୋଷ୍ଠୀ ଆଜି ବିଶୃଙ୍ଖଳିତ, ବେପରୁଆ ଓ ଦାୟିତ୍ୱହୀନ । ନୀତି ଓ ନୈତିକତା ଠାରୁ ସେମାନେ ଦୂରେଇଯାଉଛନ୍ତି । ନକରାତ୍ମକ ଚିନ୍ତାଧାରା ସେମାନଙ୍କୁ ଗ୍ରାସକରିଛି । ଯେଉଁମାନଙ୍କର ଶକ୍ତି, ତ୍ୟାଗ, ସାହସ ଓ କର୍ତ୍ତବ୍ୟପରାୟଣତା ପ୍ରଭୃତି ଗୁଣାବଳୀକୁ ନେଇ ସମାଜ ଗର୍ବ କରେ ଆଜିର ଦିନରେ ତାହା ଅବକ୍ଷୟ ହେବାର ଦେଖାଦେଇଛି । ବର୍ତ୍ତମାନ ଯୁବ ସମାଜର ନୀତି ଓ ଆଦର୍ଶର ସ୍ଖଳନ ଘଟିଛି । ସାମାଜିକ, ନୈତିକ, ସାଂସ୍କୃତିକ ମୂଲ୍ୟବୋଧର ହ୍ରାସ ଘଟୁଛି । ସେଥିପାଇଁ ଆଜିର ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ । କାରଣ ଗୋଟିଏ ଦେଶର ଉନ୍ନତି ପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଯେଉଁ ଦେଶର ଯୁବଶକ୍ତି ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ । କାରଣ ଯୁବଶକ୍ତି ହେଉଛି ଦେଶର ଭବିଷ୍ୟତ ଯାହାଙ୍କୁନେଇ ଏ ଦେଶ ଗର୍ବ କରେ । ମହର୍ଷି ଶ୍ରୀ ଅରବିନ୍ଦ କହିଥିଲେ– ଜଣେ ସାହସୀ, ଖୋଲାମନ, ନିର୍ମଳ ହୃଦୟ ଏବଂ ଆଗ୍ରହୀ ଯୁବକ ହିଁ ଏକମାତ୍ର ମୂଳଦୁଆ, ଯାହାର ଭବିଷ୍ୟତ ଉପରେ ଦେଶ ଗଠନ ହୋଇପାରିବ। ତାଙ୍କର ଶବ୍ଦ ଆଜି ଏକବିଂଶ ଶତାବ୍ଦୀର ଭାରତର ଯୁବକମାନଙ୍କପାଇଁ ଜୀବନର ମନ୍ତ୍ର ସଦୃଶ । ଯୁବ ସମାଜ ହେଉଛି ଅସୀମ ଶକ୍ତି, ସାହସ ଓ ବୀରତ୍ୱର ପ୍ରତୀକ । ତେଣୁ ଯେଉଁ ଦେଶ ଏ ଅସୀମ ଶକ୍ତିକୁ ବିନିଯୋଗ କରିପାରିବ ସେ ଦେଶ ସେତେ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆଜିର ସମାଜରେ ଯେଉଁଠି ଭ୍ରଷ୍ଟାଚାର, ଅପରାଧ, ହିଂସାର ରାଜୁତି ଚାଲିଛି, ଏପରି ପରିସ୍ଥିତିରେ ଦେଶର ଯୁବ ଶକ୍ତିକୁ ଜାଗ୍ରତ କରିବା ଓ ଦେଶ ପ୍ରତି ତାଙ୍କ କର୍ତ୍ତବ୍ୟ ବିଷୟରେ ଅବଗତ କରାଇବା ନିହାତି ଆବଶ୍ୟକ। ସ୍ୱାମୀଜୀଙ୍କ ପରାମର୍ଶ ଓ ଦର୍ଶନଶାସ୍ତ୍ରରେ ସେହି କ୍ରାନ୍ତି ଓ ତେଜ ଅଛି ଯାହା ସମ୍ପୂର୍ଣ୍ଣ ଯୁବପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ହୃଦୟକୁ ଭେଦ କରିପାରିବ। ସେମାନଙ୍କ ମଧ୍ୟରେ ନୂତନ ଶକ୍ତି ଓ ସକରାତ୍ମକ ଚିନ୍ତାଧାରା ସଞ୍ଚାର କରିପାରିବ। ସ୍ୱାମୀ ବିବେକାନନ୍ଦ କହିଥିଲେ ଯୁବକମାନେ କେବଳ ରାଷ୍ଟ୍ର ଗଠନ ନୁହେଁ, ଯୁବଶକ୍ତି ଅଧିକାର ଓ ସଚେତନତା ସମ୍ପର୍କରେ ଜାଣି ରାଷ୍ଟ୍ର ବିକାଶରେ ଜଣେ ଜଣେ ସିପାହୀ ହେବା ଦରକାର । ଗାନ୍ଧିଜୀ କହିଥିଲେ ଆମ ଦେଶରେ ଯୁବକମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଧାରଣା ଏବଂ ଆଦର୍ଶ ବିସ୍ତାର କରିବାର ମହତ୍ତ୍ୱ ରହିଛି। ଆଜିର ଯୁବସମାଜ ପାଇଁ ବିବେକାନନ୍ଦ ଥିଲେ ସର୍ବଶ୍ରେଷ୍ଠ ଆଦର୍ଶ । ଯୁବପିଢୀଙ୍କ ପାଇଁ ପ୍ରେରଣାର ସ୍ରୋତ ଥିଲେ ସ୍ୱାମୀ ବିବେକାନନ୍ଦ। ବିବେକାନନ୍ଦଙ୍କର ଆଦର୍ଶକୁ କେବଳ ଜଣେ ତାଙ୍କର ଜନ୍ମଜୟନ୍ତୀରେ ଗ୍ରହଣ କରି ତାପରେ ଭୁଲିଗଲେ ହେବନାହିଁ ।ପ୍ରତ୍ୟେକ ମଣିଷ ତା'ର ଜୀବନକାଳ ମଧ୍ୟରେ ବିବେକାନନ୍ଦଙ୍କ ଆଦର୍ଶକୁ ସକାରାତ୍ମକ ଦିଗରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଭାରତୀୟ ଦର୍ଶନର ମୂଳମନ୍ତ୍ର ହେଉଛି 'ମାନବ ସେବାହିଁ ମାଧବ ସେବା' । ଏହି ଧାରଣା ବିବେକାନନ୍ଦଙ୍କୁ ଶେଷରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚାଇଥିଲା। ଜନତା ଜନାର୍ଦ୍ଦନ ସେବାରେ ବିବେକାନନ୍ଦ ନିଜର ଜୀବନକୁ ସମର୍ପି ଦେଇଥିଲେ । ତେଣୁ ଏହି ଜାତୀୟ ଯୁବ ଦିବସ ପାଳନ ଅବସରରେ ଆଜିର ଯୁବସମାଜ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ସମ୍ବାଦ କଳିଙ୍ଗ
30 YEARS
ଭୁବନେଶ୍ୱର, ୧୨ ଜାନୁଆରୀ, ରବିବାର, ୨୦୨୫


# ଚହଲଙ୍କ ଛାଡ଼ପତ୍ର ଚର୍ଚ୍ଚା ମୁହଁ ଖୋଲିଲେ ଧନଶ୍ରୀ

**ନୂଆଦିଲ୍ଲୀ**

କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ସାମିଙ୍କ ପରେ ଏବେ ଦଳର ଷ୍ଟାର ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଛାଡ଼ପତ୍ରଙ୍କୁ ନେଇ ଜୋରଦାର ଚର୍ଚ୍ଚା । ପତ୍ନୀ ଧନଶ୍ରୀଙ୍କ ସହ ତାଙ୍କର କୁଆଡ଼େ ଆଉ ସମ୍ପର୍କ ଭଲ ନାହିଁ । ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଗଲାଣି । ଏପରିକୁ ଦୁହେଁ ଛାଡ଼ପତ୍ର ନେବା ନେଇ ମଧ୍ୟ ସୋସିଆଲ ମିଡିଆରେ ଖରବ ଭାଇରାଲ ହେଉଛି । ଏସବୁ ଭିତରେ ଏବେ ମୁହଁ ଖୋଲିଛନ୍ତି ଯୁଜିଙ୍କ ପତ୍ନୀ ଧନଶ୍ରୀ ।

ନିକଟରେ ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଥିଲେ । ଏପରିକି ଦୁହେଁ ନିଜ ନିଜ ଆକାଉଣ୍ଟରୁ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି । ଏହାକୁ ନେଇ ଉଭୟଙ୍କ ଛାଡ଼ପତ୍ର ନେବା ଚର୍ଚ୍ଚା ଆହୁରି ଜୋର ଧରିଥିଲା । ଏବେ ଧନଶ୍ରୀ ବର୍ମା ପ୍ରଥମ ଥର ପାଇଁ ଛାଡ଼ପତ୍ର ଖବର ସାମ୍ନାକୁ ଆସିବା ପରେ ନୀରବତା ଭାଙ୍ଗିଛନ୍ତି । ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଟ୍ରୋଲର୍ସଙ୍କ ଉପରେ ବର୍ଷିଛନ୍ତି ।

ସେ କହିଛନ୍ତି, 'ମୋ ନୀରବତା ହେଉଛି ମୋର ଶକ୍ତି । ଗତ କିଛି ଦିନ ମୋ ପରିବାର ଏବଂ ମୋ ପାଇଁ ବହୁତ କଷ୍ଟଦାୟକ ଥିଲା । ପ୍ରକୃତରେ ଚିନ୍ତାଜନକ ବିଷୟ ହେଉଛି ଭିତ୍ତିହୀନ ଲେଖା ମାଧ୍ୟମରେ ମୋତେ ବଦନାମ କରାଯାଉଛି । ତଥ୍ୟହୀନ ଏବଂ ଘୃଣା ପ୍ରସାର କରାଯାଉଛି । ସତ ନ ଜାଣି ମୋ ଚରିତ୍ର ହରଣ କରାଯାଉଛି । ଯେଉଁଥିପାଇଁ ମତେ ଟ୍ରୋଲ କରାଯାଉଛି ।'

ସେ ଆହୁରି କହିଛନ୍ତି, 'ମୁଁ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ମୋର ନାମ ଏବଂ ସଚ୍ଚୋଟତା ସୃଷ୍ଟି କରିଥିଲି । କିନ୍ତୁ ଏବେ ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି । ମୋ ମୁହଁ ଦେଖିନଥିବା ଲୋକେ ମୋର ଚରିତ୍ର ଉପରେ ଆଙ୍ଗୁଠି ଉଠାଉଛନ୍ତି । ମୋର ନୀରବତାକୁ ମୋର ଦୁର୍ବଳତା ଭାବନ୍ତୁ ନାହିଁ, ଏହା ମୋର ଶକ୍ତି । ମୁଁ ମୋ ସଚ୍ଚୋଟତା ସହ ଆଗକୁ ବଢୁଛି । ସତକୁ କାହା ଜଷ୍ଟିଫିକେସନର ଆବଶ୍ୟକତା ନାହିଁ ।'

ଉଲ୍ଲେଖଯୋଗ୍ୟ, ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମା ଛାଡ଼ପତ୍ରକୁ ନେଇ ଏପର୍ଯ୍ୟନ୍ତ ଅନୁଷ୍ଠାନିକ ରୂପେ କୌଣସି ଘୋଷଣା କରିନାହାନ୍ତି । କିନ୍ତୁ ଉଭୟ ଅଲଗା ହୋଇଥିବା କଥା ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି ଚର୍ଚ୍ଚା ୨୦୨୨ରୁ ଆରମ୍ଭ ହେଲାଣି । ଧନଶ୍ରୀ ନିଜ ନାମରୁ ଚହଲ ଉପନାମ ହଟାଇବା ପରେ ଛାଡ଼ପତ୍ର ଚର୍ଚ୍ଚା ଆରମ୍ଭ ହୋଇଥିଲା ।

ଏକ ଡ୍ୟାନ୍ସ କ୍ଲାସ୍‌ରେ ଧନଶ୍ରୀଙ୍କୁ ପ୍ରଥମେ ଭେଟିଥିଲେ ଯୁଜବେନ୍ଦ୍ର ଚହଲ । ସେବେଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଏହାପରେ ୨୦୨୦ କରୋନା ଲକଡାଉନ୍ ବେଳେ ଉଭୟ ବିବାହ କରିଥିଲେ ।

# ଇଂଲଣ୍ଡ ବିପକ୍ଷରେ ଖେଳିବେନି ବୁମ୍ରା, ସିରାଜ, ଶାମି ଓ ମୟଙ୍କ ଯାଦବ!

**ନୂଆଦିଲ୍ଲୀ**

ବିସିସିଆଇ ପ୍ରଥମେ କେବଳ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିବ । ଚାମ୍ପିୟନ୍ସ ଟ୍ରଫି ଓ ଫେବୃୟାରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ପରବର୍ତ୍ତୀ ସମୟରେ ଖେଳାଳିଙ୍କ ନାଁ ଘୋଷଣା ହେବ ବୋଲି ଜଣାପଡ଼ିଛି ।

ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟି-୨୦ ସିରିଜରେ ନଜର ଆସିବେ ନାହିଁ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଯୁବ ତାରକା ମୟଙ୍କ ଯାଦବ । ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷ ସିରିଜ ଆରମ୍ଭ ହେଉଥିବା ବେଳେ ବିସିସିଆଇ ସ୍କ୍ୱାଡ ଘୋଷଣା କରିବେ ।

ବର୍ଡର-ଗାଭାସ୍କର ଟ୍ରଫିର ପରାଜୟ ପରେ ଭାରତ କୌଣସି ସିରିଜ ଖେଳିବାକୁ ମୈଦାନକୁ ଓହ୍ଲାଇବ । ପ୍ରଥମ ଦୁଇ ଦେଶ ପରସ୍ପର ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳିବେ । ଏହାପରେ ୩ଟିକିଆ ଦିନିକିଆ ସିରିଜ ଅନୁଷ୍ଠିତ ହେବ । ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଭାରତ ପାଇଁ ଉପଯୁକ୍ତ ଅଭ୍ୟାସ ମ୍ୟାଚ୍ ସଦୃଶ ହେବ । ଇଂଲଣ୍ଡ ସିରିଜ ପରେ ଫେବୃୟାରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ ।



ବିସିସିଆଇ ପ୍ରଥମେ କେବଳ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିବ । ଚାମ୍ପିୟନ୍ସ ଟ୍ରଫି ଓ ଫେବୃୟାରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ପରବର୍ତ୍ତୀ ସମୟରେ ଖେଳାଳିଙ୍କ ନାଁ ଘୋଷଣା ହେବ ବୋଲି ଜଣାପଡ଼ିଛି ।

ଏସବୁ ଭିତରେ ପ୍ରକାଶ ପାଇଥିବା ରିପୋର୍ଟରେ ବଡ଼ ଦାବି କରାଯାଇଛି । ଟି-୨୦ ପାଇଁ ଘୋଷଣା ହେବାକୁ ଥିବା ସ୍କ୍ୱାଡରେ କୌଣସି ଅପ୍ରତ୍ୟାଶିତ ପରିବର୍ତ୍ତନ ହେବ ନାହିଁ । ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସାମିଲ ଥିବା ଅଧିକାଂଶ ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ । ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କ ଭଳି ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ । ଏମାନେ ଅଷ୍ଟ୍ରେଲିଆରେ ଲମ୍ବା ସିରିଜ ଖେଳିଥିବାରୁ ଉଭୟଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି । ବାଂଲାଦେଶ ବିପକ୍ଷରେ ଭାରତ ପାଇଁ ଟି-୨୦ରେ ଡେବ୍ୟୁ କରିଥିବା ମୟଙ୍କ ଯାଦବ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ । କ୍ରମାଗତ ୧୫୦ରୁ ଅଧିକ ସ୍ପିଡରେ ବୋଲିଂ କରି ସମସ୍ତଙ୍କୁ ଚକିତ କରିଥିବା ମୟଙ୍କ ଆହତ ସମସ୍ୟା ଦେଇ ଗତି କରୁଛନ୍ତି । ଆହତ ଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ମଧ୍ୟ ଖେଳି ପାରି ନଥିଲେ । ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ ପଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି । ସେହିପରି ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ପରେ ଟିମ୍ ଇଣ୍ଡିଆରୁ ଆହତ ସମସ୍ୟା ପାଇଁ ବାହାରେ ରହିଥିବା ମହମ୍ମଦ ଶାମିଙ୍କୁ ଟି-୨୦ରେ କୌଣସି ସୁଯୋଗ ମିଳିବ ନାହିଁ । କିନ୍ତୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସାମିଲ କରାଯିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂହ ଭାରତୀୟ ଟିମ୍‌ର ଦ୍ରୁତ ବୋଲିଂ ବାହିନୀର କମାଣ ସମ୍ଭାଳିବେ । ତାଙ୍କ ସହ ଆବେଶ ଖାନ, ମୁକେଶ କୁମାର ଓ ଖଲୀଲ ଅହମଦଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ମିଳିପାରେ । ନୀତୀଶ କୁମାର ରେଡ୍ଡୀଙ୍କୁ ମଧ୍ୟ ଟି-୨୦ ସ୍କ୍ୱାଡରେ ରଖାଯାଇ ପାରେ ।

# ପ୍ରେସ କ୍ଲବ ପକ୍ଷରୁ ୨୭୫ ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ହରିଭବନ ଠାରେ ପ୍ରେସ କ୍ଲବ ପକ୍ଷରୁ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରୀୟାମ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ଡାକ୍ତରଖାନା ମେଡିକାଲ ଅଫିସ ଡାକ୍ତର ରାକେଶ ପଣ୍ଡିତ, ସମାଜସେବୀ ବଜରଙ୍ଗ ଅଗ୍ରୱାଲ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଶିବିରରେ ୨୭୫ ଲୋକଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮୨ ଲୋକଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚୟନ କରାଯାଇଥିଲା । ସ୍ୱର୍ଗୀୟ ଲୀଳାବତି ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପରିବାରଙ୍କ ସହଯୋଗରେ ଏହି ଶିବିର କରାଯାଇଥିବା ବେଳେ ଶିବିରରେ ତୁରେକେଲା , ବଙ୍ଗୋମୁଣ୍ଡା, ମୁରିବାହାଲ, ପଡୋଶୀ ବ୍ଲକ ଓ ଜିଲ୍ଲାର ରୋଗୀ ଆସି ଶିବିରର ଲାଭ ଉଠାଇ ଥିଲେ । ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୂରଦାସ ବାଗ, କୋଷାଧ୍ୟକ୍ଷ ହନି ସିଂ, ଉପସଭାପତି ମନୋଜ ଶର୍ମା, ସହସମ୍ପାଦକ ବିଶିକେସନ ମାଝୀ, ପରାମର୍ଶଦାତା ଆଶିଷ ଖଇତାନ, ଦୁର୍ଗା ପ୍ରସାଦ ଗୁପ୍ତା, ଆନନ୍ଦ ମୋଟ, ଆଇନ ପରାମର୍ଶଦାତା ବିବେକ ଶର୍ମା, ସଦସ୍ୟ ଜଗମୋହନ ତାଣ୍ଡି, ଦେବେଶ ସିଂଘଲ, ଶୈଲୁ ଜୈନ, ଅମିତ ଶର୍ମା, କମଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିବା ବେଳେ ଟିଟଲାଗଡ ଏସସିଡି ଚକ୍ଷୁ ଚିକିତ୍ସା ଡାକ୍ତରଖାନାର ଭିଜନ ଟେକ୍ନିସିଆନ ପ୍ରାଣରଞ୍ଜନ ସାଗର, ସଙ୍ଗୀତ ବାରିକ, ଷ୍ଟାଫନର୍ସ ସ୍ମିତାମୟୀ ରଣା, ସୋସିଆଲ ୱାର୍କର ସୁଶିଲ ନାଗ, ରୁପିନ ନାଗ, ଅପ୍ଟିକାଲ ସୋପରୁ ପ୍ରମିଳା ହରିଜନ, ଦେବବ୍ରତ ସାହୁ ପ୍ରମୁଖ ଚକ୍ଷୁ ଚିକିତ୍ସା କରିଥିଲେ । ବଜରଙ୍ଗ ଅଗ୍ରୱାଲଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଅର୍ଶଦୀପଙ୍କ ଘାତକ ବୋଲିଂ: ଭାଙ୍ଗିଲା ଗାଏକ୍ୱାଡଙ୍କ ଷ୍ଟମ୍ପ

**ପଞ୍ଜାବ**

କିଛି ଦିନ ତଳେ କାଉଣ୍ଟୀ କ୍ରିକେଟରେ ଅର୍ଶଦୀପଙ୍କ ଚମତ୍କାର ବୋଲିଂ ଭିଡିଓ ଭାଇରାଲ ହୋଇଥିଲା । ତାଙ୍କର ଆଉ ଏକ ଘାତକ ବୋଲିଂ ବେଳର ଭିଡିଓ ସୋଶାଲ ମିଡିଆରେ ଟ୍ରେଣ୍ଡ କରୁଛି ।

ଆଇସିସି ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ମହମ୍ମଦ ଶାମି ଭାରତୀୟ ସ୍କ୍ୱାଡକୁ ଫେରିବା ପାଇଁ ଜୋରଦାର ଉଦ୍ୟମରେ ଲାଗି ପଡ଼ିଛନ୍ତି । ହେଲେ ଅନ୍ୟ ଜଣେ ଭାରତୀୟ ପେସର ମଧ୍ୟ ନିଜ ଦାବିଦାରକୁ ପ୍ରଦର୍ଶନ କରିବାରେ ଲାଗିଛନ୍ତି । ସେ ମଧ୍ୟ ଶାମିଙ୍କ ଭଳି ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସାମିଲ ହେବାକୁ ଚାହୁଁଛନ୍ତି । ସେହି ବୋଲର ଜଣଙ୍କ ହେଲେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ । କିଛି ଦିନ ତଳେ କାଉଣ୍ଟୀ କ୍ରିକେଟରେ ଅର୍ଶଦୀପଙ୍କ ଚମତ୍କାର ବୋଲିଂ ଭିଡିଓ ଭାଇରାଲ ହୋଇଥିଲା ।



ଅର୍ଶଦୀପ ତାଙ୍କର ପ୍ରଥମ ୨ ଓଭରରେ ୨ଟି ୱିକେଟ ମଧ୍ୟ ନେଇଛନ୍ତି । ଏହା ମଧ୍ୟରେ ଚେନ୍ନାଇ ସୁପର କିଙ୍ଗସର ଅଧିନାୟକ ଋତୁରାଜ ଗାଏକୱାଡ ମଧ୍ୟ ରହିଛନ୍ତି । ଅର୍ଶଦୀପ ଗୋଟିଏ ଚମତ୍କାର ଆଉଟ ସୁଇଂ ବଲରେ ତାଙ୍କ ଷ୍ଟମ୍ପ ଭାଙ୍ଗି ଦେଇଛନ୍ତି ।

ପଞ୍ଜାବ ପାଇଁ ବୋଲିଂ ଆରମ୍ଭ କରିଥିବା ଅର୍ଶଦୀପ ନୂଆ ବଲରେ ଋତୁରାଜଙ୍କୁ ଏକାଧିକ ଥର ବିଟ କରାଇଥିଲେ । ଏହାପରେ ଗୋଟିଏ ଚମତ୍କାର ଆଉଟ ସୁଇଂ ବଲରେ ସେ ଗାଏକ୍‌ୱାଡଙ୍କ ଅଫଷ୍ଟମ୍ପ ଭାଙ୍ଗି ଦେଇଥିଲେ । ଫଳରେ ତାଙ୍କୁ ୫ ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ ।

ଆଉ ଗୋଟିଏ ଓଭର ପରେ ଅର୍ଶଦୀପ କ୍ରମାଗତ ଭାବେ ବାମହାତୀ ବ୍ୟାଟର ସିଦ୍ଧେଶ ବୀରଙ୍କୁ ବିଟ କରାଇଥିଲେ । ଶେଷରେ ଓଭରର ୫ମ ବଲରେ ସେ ୱିକେଟ କିପରଙ୍କ ହାତରେ ଆଉଟ କରାଇ ଦେଇଥିଲେ ।

ଅର୍ଶଦୀପ ଓପନିଂ ସ୍ପେଲରେ ମୋଟ ୬ ଓଭର ବୋଲିଂ କରିବା ସହ ୩୩ ରନ ଦେଇ ୨ଟି ୱିକେଟ ନେଇଛନ୍ତି । ଏହା ମଧ୍ୟରେ ଗୋଟିଏ ମେଡେନ ବି ରହିଥିଲା ଇନିଂସର ଶେଷ ଭାଗରେ ପୁଣିଥରେ ଅର୍ଶଦୀପ ବୋଲିଂ କରିବାକୁ ଆସିଥିଲେ । ଏହି ସମୟରେ ସେ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଅର୍ଶିନ କୁଲକର୍ଣ୍ଣୀଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ । ବର୍ଡର-ଗାଭାସ୍କ ଟ୍ରଫିରେ ଯଶପ୍ରୀତ ବୁମ୍ରା ଆହତ ହୋଇଥିବାରୁ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଜଣେ ଅତିରିକ୍ତ ଦ୍ରୁତ ବୋଲରଙ୍କୁ ସାମିଲ କରିପାରେ । ଏପରି ସ୍ଥିତିରେ ୧୫ ଜଣିଆ ସ୍କ୍ୱାଡରେ ରହିବାକୁ ହେଲେ ଅର୍ଶଦୀପ ସିଂହଙ୍କୁ ଶାମି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ସହ ଲଢ଼େଇ କରିବାକୁ ହେବ ।

# ଜିଲ୍ଲା ସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଶିଶୁ କନ୍ୟା ବର୍ଷ ପୂର୍ତ୍ତି ଉପଲକ୍ଷେ ବାଳିକାମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲା ସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଡ଼ସାହି, ଉଦଳା, ବିଶୋଇ, ଯଶିପୁର, ତିରିଂ, ସାରାସକଣା, ବେତନଟୀ, ମୋରଡା, ବିଜାତଳା, ରରୁଆଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ୩ ଗୋଟି ବାଳିକା ଶିଶୁଯତ୍ନ ଅନୁଷ୍ଠାନ ଡ଼ିଭାଇନ ଓଁକାର ସେବାଶ୍ରମ, ଉତ୍କଳ ବାଳାଶ୍ରମ, ସ୍ନେହ ଭବନର ଟିମ ଭାଗ ନେଇଥିଲେ । ଦୁଇଦିନ ଧରି ଏହି ପ୍ରତିଯୋଗିତା ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା କ୍ରୀଡା ଅଧିକାରୀ ସୁବାଶିଷ ନାୟକ, ଓରମାସର ଡେପୁଟି ସିଇଓ ବିମାନ ମଲ୍ଲ, ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଫୁଟବଲ କୋଚ ଅବନୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାଳିକା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍ଘାଟନୀ ସମାରୋହରେ ମୟୁରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଶିଶୁ ମଙ୍ଗଳ ସମିତି ସଭ୍ୟ ମନମୋହନ ପ୍ରଧାନ, ଯଦୁମଣି ମହାନ୍ତ ପ୍ରମୁଖ ଯୋଗ ଦେଇଥିବା ବେଳେ, ଫାଇନାଲ ମ୍ୟାଚରେ ମୋରଡା ବ୍ଲକ ଭାଲିଆଡିହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଫୁଟବଲ ଟିମ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଦଳା ବ୍ଲକ ସ୍ଥିତ ରାଜୋ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଫୁଟବଲ ଟିମ୍ ଉପ ବିଜେତା ହୋଇଥିଲେ । ଉଭୟ ଦଳକୁ ଆଗାମୀ ୨୪ ତାରିଖରେ ଜିଲ୍ଲା ସ୍ତରୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ । ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ସୁଶାନ୍ତ କୁମାର ସିଂ, ବାସୁଦେବ ମହାନ୍ତ ପରିଚାଳନା କରିଥିବା ବେଳେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା, କୋଷାଧକ୍ଷ ବ୍ରଜ କିଶୋର ଖୁଣ୍ଟିଆ, ସାମାଜିକ କର୍ମୀ ନରେନ୍ଦ୍ର ନାଥ ସି, ସଞ୍ଜୟ କୁମାର ନାୟକ, ମଧୁସ୍ମିତ ମହାନ୍ତ, ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ସହାୟତା କରିଥିଲେ ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ 'କୋଷ୍ଟାଲ୍ ଡାଇନାମିକ୍ସ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ବିଶ୍ୱବିଦ୍ୟାଳୟର ସମ୍ମାନିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'କୋଷ୍ଟାଲ୍ ଡାଇନାମିକ୍ସ : ଭୂବିଜ୍ଞାନ, ଅର୍ଥନୀତି ଏବଂ ପରିବେଶ' ପ୍ରସଙ୍ଗ ଓ ବିଷୟବସ୍ତୁକୁ କେନ୍ଦ୍ରକରି ଏକ ତିନି ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗବେଷକ ଏବଂ ବୈଜ୍ଞାନିକମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ସମ୍ମିଳନୀଟି ଜିଓଲୋଜି ବିଭାଗ, ଏଫଏମୟୁ, ଓ ଜିଓ ସାଇଣ୍ଟିଷ୍ଟ, ଓଡ଼ିଶା, ଭୁବନେଶ୍ୱର ସହ ମିଳିତ ସହଯୋଗରେ ତଥା ଏବଂ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ.ଇ.ଆର.ବି), ଭାରତ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାରୀ, ୱାର୍ଲ୍ଡ କନ୍‌ସଲ୍ଟାନ୍ସ ସର୍ଭିସେସ୍ (ଡବ୍ଲୁ.ସି.ଏସ୍)ଏବଂ ସାମାଜିକ-ସାଂସ୍କୃତିକ ବିକାଶ କେନ୍ଦ୍ର, ଓଡ଼ିଶା (ସି.ଏସ.ଡି.ସି)ର ସହାୟତାରେ ଆୟୋଜିତ ହୋଇଛି । ଏହି ଅବସରରେ ଏଫଏମୟୁ ର ପୂର୍ବତନ କୁଳପତି ପ୍ରଫେସର ପ୍ରଫେସର ମଧୁମିତା ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମାବେଶକୁ ସମ୍ବୋଧିତ କରିଥିଲେ ।



ଏହି ସମ୍ମିଳନୀରେ ଡକ୍ଟର ସତ୍ୟବ୍ରତ ନାୟକ, ଜିଓ ସାଇଣ୍ଟିଷ୍ଟ, ପେଟ୍ରୋନାସ୍, ମାଲେସିଆ ଏବଂ ଚେନ୍ନାଇ ସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଲକ୍ଷ୍ମଣ ଏଲାଙ୍ଗୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ସମାରୋହରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ଏବଂ ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ, ଜି.ଏସ.ଆଇ ଏବଂ ଆଇ.ଜି.ଓ.ର ପ୍ରେସିଡେଣ୍ଟ ଜୟନ୍ତ କୁମାର ନନ୍ଦ ଉପସ୍ଥିତ ରହିଥିଲେ । ଏହି ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଯଥା, କୋଷ୍ଟାଲ୍ ଜିଓମୋର୍ଫୋଲୋଜି, ଅଫ-ଶୋର ଜିଓଲୋଜି, ଉପକୂଳ ଇକୋସିଷ୍ଟମର ସଂରକ୍ଷଣ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଉପକୂଳ ଉପରେ ଏହାର ପ୍ରଭାବ, ଉପକୂଳ ତଥା ଖଣିଜ ସମ୍ପଦର ଅର୍ଥନୈତିକ ସମ୍ଭାବନା ଏବଂ ଉପକୂଳ ହାଇଡ୍ରୋଲୋଜି ଇତ୍ୟାଦି ଉପରେ ଆଲୋକପାତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିସହ, ଏହି ତିନି ଦିନ ମଧ୍ୟରେ ତିନୋଟି ବୈଷୟିକ ଅଧିବେଶନ ଅଧୀନରେ ବର୍ଗୀକୃତ ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବୈଜ୍ଞାନିକଙ୍କ ଦ୍ୱାରା ଏକ ଅନୁସନ୍ଧାନ ସଂଦର୍ଭ ଉପସ୍ଥାପନା କରାଯିବ, ଏଥିସହ ଏକ କର୍ମଶାଳାର ଯୋଜନା କରାଯାଇଛି । ଶେଷ ଦିନରେ ଚାନ୍ଦିପୁର କ୍ଷେତ୍ର ପରିଦର୍ଶନରେ ଜୁଆର ଜନିତ ସମତଳ ଅଞ୍ଚଳକୁ ତଥ୍ୟ ସଂଗ୍ରହ କରାଯିବ । ଆୟୋଜିତ ବୈଷୟିକ ଅଧିବେଶନ ଗୁଡିକ କୋଷ୍ଟାଲ୍ ଜିଓମୋର୍ଫୋଲୋଜି ଏବଂ କୋଷ୍ଟାଲ୍ ହାଇଡ୍ରୋଲୋଜି, ଅଫଶୋର ଜିଓଲୋଜି, ଉପକୂଳ ତଥା ଅଫ-ଶୋରର ଖଣିଜ ସମ୍ପଦର ଅର୍ଥନୈତିକ ସମ୍ଭାବନା ଏବଂ ଉପକୂଳ ଇକୋସିଷ୍ଟମର ସଂରକ୍ଷଣ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଉପକୂଳ ଉପରେ ଏହାର ପ୍ରଭାବ ଆଇ.ଜି.ଓ.ର ବହୁ ବିଶିଷ୍ଟ ବୈଜ୍ଞାନିକ, ବିଶେଷଜ୍ଞଙ୍କ ଓ ବିଭିନ୍ନ ଦେଶରୁ ଆମନ୍ତ୍ରିତ ବକ୍ତାଙ୍କ ସହ ଆଲୋଚନା କରାଯିବ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଉପକୂଳଗତ ଜୈବ ବିବିଧତାର ତଥା ସାଂପ୍ରତିକ ଗତିଶୀଳତା ସମ୍ବନ୍ଧରେ ଅବଗତ କରାଇ ବର୍ତ୍ତମାନର ସମସ୍ୟା ଉପରେ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ । ବିଶେଷଜ୍ଞ, ବିଦ୍ୱାନ ଏବଂ ଶିକ୍ଷାବିତ୍‌ମାନଙ୍କୁ ଦାୟିତ୍ୱବୋଧ ସହ ଯୋଗଦାନ ସହିତ ସମାଧାନ ଆଣିବା ପାଇଁ ଗଭୀର ଅନୁସନ୍ଧାନ କାର୍ଯ୍ୟ, ଗବେଷଣାଗାର ଗୁଡିକର ବିସ୍ତାର ପାଇଁ ପରାମର୍ଶ ଦେଇଥିଲେ ଓ ବହୁମୁଖୀ ଗବେଷଣା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଭୂବିଜ୍ଞାନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଗବେଷକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ 'ଦି ବ୍ରିଦିଙ୍ଗ ଅଫ କୋଷ୍ଟ' ନାମକ ଏକ ପୁସ୍ତକ ପ୍ରକାଶିତ କରାଯାଇଛି । ଏହି ସମ୍ମିଳନୀର ସଂଯୋଜକ ଡକ୍ଟର ରୋଜାଲିନ୍ ଦାସ, ଆସୋସିଏଟ୍ ପ୍ରଫେସର ହୋଡ୍ ଜିଓଲୋଜି ଏବଂ ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ୍, ଜିଏସଟି ଏବଂ ସଚିବ ଆଇଜିଓ ଏହି ଆଲୋଚନାଚକ୍ରର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ । ଏହି ସମ୍ମିଳନୀର ଆବାହକଜିଓଲୋଜି ବିଭାଗ ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡକ୍ଟର ରୋଜାଲିନ୍ ଦାସ, ଏବଂ ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ୍, ଆଇ.ଜି.ଓ ଏବଂ ସଚିବ ଆଇ.ଜି.ଓ ଡକ୍ଟର ମନୋରଂଜନ ମହାନ୍ତି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ । ସହକାରୀ ପ୍ରଫେସର ଅରୁଣ କୁମାର ନାୟକ ପ୍ରଫେସର ଆର.ଏନ. ହୋତା, ଡକ୍ଟର ଅସୀମ ଅମିତାଭ ପ୍ରଧାନ, ଡକ୍ଟର ପଙ୍କଜିନୀ ମହନ୍ତଙ୍କ ସହ ମଞ୍ଚର ସଂଯୋଜନା କରିଥିଲେ ଏବଂ ଏହି ସମ୍ମିଳନୀର ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ତଥା ଭୂବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସ୍ମୃତିରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରଖମା ପଞ୍ଚାୟତ କୁ ବ୍ଲକ ଦାବି ଜୋର ଧରିଲା
## ୮ ପଞ୍ଚାୟତର ଲୋକେ ମେଳି ବାନ୍ଧିଲେ

**ବାଲିଗୁଡା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ବ୍ଲକ ଗଠନ ପାଇଁ ଅନେକ ବର୍ଷରୁ ଦାବି ହୋଇ ଆସୁଥିଲା । କିନ୍ତୁ ରାଜ୍ୟ ସରକାର ଏଥି ପ୍ରତି କୌଣସି ଆଲୋଚନା କରିନଥିଲେ । କିଛି ଦିନ ତଳେ ରାଜ୍ୟରେ ନୂତନ ବ୍ଲକ ଗଠନ ପ୍ରକ୍ରିୟା ଆରମ୍ଭ ପାଇଁ ସରକାରଙ୍କ ଘୋଷଣା ପରେ ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ଉତ୍ସାହ ଦେଖାଦେଇଛି । କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ବାରଖମା ୧୫ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧୀନରେ ରହିଥିବା ୮ ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗଠିତ ବ୍ଲକ ସଂଗ୍ରାମ ମଞ୍ଚ, ବାରଖମା ନୂତନ ବ୍ଲକ ଗଠନ ପାଇଁ ଦାବି କରି ଆସୁଛନ୍ତି । ଏନେଇ ସୁଡ୍ରା ପଞ୍ଚାୟତର ଡାବୁଡ଼ୁକା ଛକ ଠାରେ ଏକ ଆଲୋଚନା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକ ସଂଗ୍ରାମ ମଞ୍ଚ ବାରଖମା ଆନୁକୂଲ୍ୟରେ ବ୍ଲକ ମାନ୍ୟତା ଦାବିରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଅଯାଇଛି । ପୂର୍ବରୁ ୨୦୨୪ ମସିହା ଫେବୃୟାରୀ ମାସରେ ୮ ଟି ପଞ୍ଚାୟତର ଶହ ଶହ ଲୋକ ଆସି ଏକ ବିରାଟ ଶୋଭାଯାତ୍ରା କରି ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ କିଛି ସୁଫଳ ପାଇନଥିଲେ । ବ୍ଲକ ସଂଗ୍ରାମ ମଞ୍ଚ ବାରଖମା ସଭାପତି ଜୟ ଚନ୍ଦ୍ର ନାୟକ ଓ ସମ୍ପାଦକ ବିରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି । ଆସନ୍ତା ୧୭ ତାରିଖରେ ବାରଖମା ଜୋନରେ ନୂତନ ବ୍ଲକ ଗଠନ ଦାବିରେ ବାଲିଗୁଡା ଠାରେ ପୁଣି ଏକ ବଡ ଧରଣର ଶୋଭାଯାତ୍ରା କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ନୂତନ ବ୍ଲକ ଗଠନ ପାଇଁ ଦାବି ଜଣାଯିବ ବୋଲି ମଞ୍ଚ ପକ୍ଷରୁ ବ୍ଲକ ଗଠନ ଦାବିରେ ଜନସମାଗମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ, ବାଲିଗୁଡା ବ୍ଲକର ୧୫ ନଂ. ଜିଲ୍ଲା ପରିଷଦ ଜୋନରେ ରହିଥିବା ବାରଖମା, ସୁଡ୍ରା, ରେବିଙ୍ଗିଆ, ସଲାଗୁଡା, ଲଣ୍ଡାଗାଁ, ଖମଣଖୋଲ, କୁଟିକିଆ ଓ ସିନ୍ଦ୍ରିଗାଁ ଏହି ୮ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ପାଇଁ ଦାବି ହେଉଛି । ଜନଗଣନା ଅନୁଯାୟୀ ଏହି ୮ଟି ପଞ୍ଚାୟତର ଜନସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଏଥି ମଧ୍ୟରୁ କିଛି ପଞ୍ଚାୟତ ବ୍ଲକ ସଦର ମହକୁମାକୁ ୪୦ କିଲୋମିଟର ହେଉଛି । ଆୟତନ ଏବଂ ଜନସଂଖ୍ୟା ଦୃଷ୍ଟିରୁ ବାଲିଗୁଡା ବ୍ଲକ ବୃହତର ହୋଇଥିବା ହେତୁ କ୍ଷମତା ବିକେନ୍ଦ୍ରୀକରଣ ନିତାନ୍ତ ଆବଶ୍ୟକ ଅଟେ । କ୍ଷମତା ବିକେନ୍ଦ୍ରୀକରଣ ନହେବା ଯୋଗୁଁ ସରକାରୀ ଜନ ମଙ୍ଗଳକାରୀ ଯୋଜନା ଗୁଡ଼ିକ ପ୍ରତ୍ୟେକ ଅଞ୍ଚଳକୁ ପହଞ୍ଚିବାରେ ବାଧାପ୍ରାପ୍ତ ହେଉଅଛି । ଯାହାର କୁପ୍ରଭାବ ଭାବ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, କୃଷି, ଜଳ, ପରିମଳ ଓ ଶିଶୁ ବିକାଶ ଉପରେ ପକାଉଛି ଏହି ବୈଠକରେ ବ୍ଲକ ସଂଗ୍ରାମ ମଞ୍ଚ ବାରଖମାର ଉପସଭାପତି ବିଜେଶ୍ବର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଦେବେନ୍ଦ୍ର କହଁର, ରେବିଙ୍ଗିଆ ସରପଞ୍ଚ ରଞ୍ଜୁଲତା ମଲ୍ଲିକ, ସମିତିସଭ୍ୟ ସୁଗ୍ରୀବ ମଲ୍ଲିକ, ବାରଖମା ସରପଞ୍ଚ କୁମୁଦିନି ମଲ୍ଲିକ, ଦିପୁନ ମଲ୍ଲିକ, ସଲାଗୁଡା ସରପଞ୍ଚ ସରିତା ମଲ୍ଲିକ, ପୁରୁଷୋତ୍ତମ ବେହେରା, ଉମାଚରଣ ଦିଗାଳ, ଲକ୍ଷ୍ମୀ ନାରାୟଣ ଦଣ୍ଡିଆ, ହେରଦ ନାୟକ, ଆଇବର ନାୟକ, ରାଜେନ୍ଦ୍ର ବେହେରା, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ନୂତନ ବ୍ଲକ ଦାବିକୁ ଶାଣିତ କରିବା ପାଇଁ ରଣ ହୁଙ୍କାର ଦେଇଥିଲେ ।

# 'କାଞ୍ଜିଆ ହୁଦା'ର ମରାମତି ଓ କାର୍ଯ୍ୟକ୍ଷମ କରିବାକୁ ଦାବି

**କେନ୍ଦୁଝର, ନ୍ୟୁଜ୍**

ଆଟୋପୁର ଗ୍ରାମରେ ଥିବା କାଞ୍ଜିଆ ହୁଦା ଟି ବ୍ୟବହାର ଅନୁପଯୋଗୀ ହୋଇ ପଡି ରହିଥିବାରୁ ରାସ୍ତା ଘାଟରେ ଗାଈ ଗୋରୁ ମାନଙ୍କର ଅବାଧ ବିଚରଣ ବଢ଼ିବାରେ ଲାଗିଛି । ରାସ୍ତା ରେ ଗାଈ ଗୋରୁ ମାନଙ୍କର ଅବାଧ ବିଚରଣକୁ ରୋକିବା ଲାଗି ଅଟୋପୁର ଅଞ୍ଚଳରେ ଏକ କାଞ୍ଜିଆ ହୁଦା ରହିଛି, ଏବଂ ଏହି କାଞ୍ଜିଆ ହୁଦାରେ ରାସ୍ତାରେ ବୁଲୁ ଥିବା ଗାଈ ଗୋରୁ ମାନଙ୍କୁ ନେଇ ଆକଟ କରି ରଖାଯାଇଥାଏ, ଏବଂ ଗାଈ ଗୋରୁ ମାଲିକମାନେ ନିଜ ନିଜ ସୀମାରେ ଗାଈ ଗୋରୁ ଗୁଡିକୁ ନର ରାସ୍ତାରେ ଛାଡି ଦେଉ ଥିବାରୁ କାଞ୍ଜିଆ ହୁଦା କର୍ମଚାରି ମାନେ ଉକ୍ତ ରାସ୍ତାରେ ଅବାଧ ବିଚରଣ କରୁଥିବା ଗାଈ ଗୋରୁ ଗୁଡିକୁ ନେଇ କାଞ୍ଜିଆ ହୁଦାରେ ଆକଟ କରି ରଖନ୍ତି, ଗାଈ ମାଲିକ ନିଜ ଗାଈ ଗୋରୁଙ୍କୁ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଦୈନିକ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଅର୍ଥ ଫାଇନ ଦେଇ ନିଜ ଗାଈ ଗୋରୁ ମାନଙ୍କୁ ମୁକୁଳାଇ ଥାନ୍ତି, ଯାଫଳରେ ଗାଈ ମାଲିକ ମାନେ ଫାଇନ ଭୟରେ ରାସ୍ତା ଘାଟରେ ଗାଈ ଗୋରୁ ଛାଡିବା ବେଶ ସାବଧାନ ହେବା ସହ ରାସ୍ତା ଘାଟରେ ଗାଈ ଗୋରୁଙ୍କର ଅବାଧ ବିଚରଣ କିଛି ପରିମାଣରେ କମ ରହୁ ଥିବା ସହ ଜୋରି ମାନା ବାବଦରେ ମଧ୍ୟ କିଛି ଅର୍ଥ ମଧ୍ୟ ସରକାର ଙ୍କର ଆୟ ହେଉଥିଲା, ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ କାଂଜିଆ ହୁଦା ଗୃହ ଗୁଡିକ ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଛି, ଯାହାକି ଏଥି ପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପ୍ରଭାସୀ ଭାରତୀୟ ଦିବସ ଅବସରରେ ଓଡ଼ିଶାରେ ପ୍ରଥମ ଥର ପାଇଁ ପ୍ରଭାସୀ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହାକୁ ସ୍ମରଣୀୟ କରିବା ପାଇଁ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଗାନ୍ଧୀ ପାର୍କ ପରିସରରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ମହାପୁରଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ନେତୃତ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ଉପ ସଭାପତି ଶୋଭାବତୀ ଓତା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବାନନ୍ଦ ମୁର୍ମୁ, ଜିଲ୍ଲା ଜନଜାତି ମୋର୍ଚ୍ଚା ସଭାପତି ଶ୍ରୀଧର ବେହେରା, ଉପ ସଭାପତି କବିବିଷ୍ଣୁ ଶତପତି, ସୁମନ ସିଂ, ଲକ୍ଷ୍ମୀ ସାହୁ ପ୍ରମୁଖ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।














ଭୁବନେଶ୍ୱର : ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ। ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ। ରକ୍ତଦାନ ଶିବିର ସହ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

# ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୧୪୭ 'ଆମ ହସ୍ପିଟାଲ୍' : ଖର୍ଚ୍ଚ ହେବ ୧ ହଜାର କୋଟି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂଆବର୍ଷ ଭେଟି ଦେବାକୁ ଯାଉଛନ୍ତି । ରାଜ୍ୟରେ ଆହୁରି ୧୪୭ଟି 'ଆମ ହସ୍ପିଟାଲ୍' ପ୍ରତିଷ୍ଠା ହେବ । ଏନେଇ ଜିଲ୍ଲା ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। କେଉଁ ହସ୍ପିଟାଲ୍‌ରେ 'ଆମ ହସ୍ପିଟାଲ୍' ପ୍ରତିଷ୍ଠା ହେଲେ ଅଧିକ ଲୋକ ଉପକୃତ ହେବେ, ତଜର୍ମା ଚାଲିଛି । ଜନସାଧାରଣଙ୍କ ଆବଶ୍ୟକତାକୁ ଉପଲବ୍ଧ କରି ପ୍ରତି ନିର୍ବାଚନମଣ୍ଡଳୀରେ ଏକାଧିକ 'ଆମ ହସ୍ପିଟାଲ' ମଧ୍ୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରହିଛି । ଏନେଇ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା ଚାଲିଛି । ଜିଲ୍ଲାପାଳମାନେ ଯେଉଁ ତାଲିକା ସ୍ୱାସ୍ଥ୍ୟ ବିଭାଗକୁ ଦେବେ, ସେହି ଅନୁସାରେ 'ଆମ ହସ୍ପିଟାଲ୍' ପ୍ରତିଷ୍ଠା ହେବ । ଏହି ଦ୍ୱିତୀୟ ପର୍ଯ୍ୟାୟ 'ଆମ ହସ୍ପିଟାଲ୍' ପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ଏହାଦ୍ୱାରା ରୋଗୀଙ୍କୁ ତୃଣମୂଳସ୍ତରରେ ଅତ୍ୟାଧୁନିକ ସେବା ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି । ୨୦୨୩ ମସିହାରେ ରାଜ୍ୟରେ ୧୪୭ଟି 'ଆମ ହସ୍ପିଟାଲ୍' ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା । ସେଥିପାଇଁ ୭୫୦କୋଟି ବଜେଟ୍ ରଖାଯାଇଥିଲା । ବର୍ତ୍ତମାନ ୧୪୭ଟି ଆମ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉଥିବା ବେଳେ ନୂଆ କରି ଆଉ ୧୪୭ଟି ଆମ ହସ୍ପିଟାଲ୍ ପ୍ରତିଷ୍ଠା କରାଯିବ।

# କିର୍ମିରା ଅନାସ୍ଥା ଭୋଟ ଘଟଣାରେ ବିଜେପି ଗଣତନ୍ତ୍ରକୁ ହତ୍ୟା କରିଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କିର୍ମିରା ଅନାସ୍ଥା ଭୋଟ ଘଟଣାରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଓ ଝାରସୁଗୁଡାର ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ କହିଥିଲେ ରାଜ୍ୟ ବିଜେପି ସରକାର, କିର୍ମିରା ଅନାସ୍ଥା ଭୋଟରେ ତାଙ୍କ ଦଳର ପରାଜୟ ନିଶ୍ଚିତ ବୋଲି ଜାଣି ନିର୍ବାଚନ ନ କରାଇଦେବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହି ଷଡ଼ଯନ୍ତ୍ରରେ ଓଡିଶା ଓ ଛତିଶଗଡ଼ ପୋଲିସକୁ ସାମିଲ କରାଯାଇଛି। ପଞ୍ଚାୟତ ପ୍ରତିନିଧିଙ୍କୁ ପୋଲିସ ଦ୍ୱାରା ଜୋର ଜବରଦସ୍ତ ଅଟକ ରଖି ସେମାନଙ୍କୁ ଅନାସ୍ଥା ଭୋଟରୁ ବିରତ ରଖିଥିଲେ। ନିର୍ବାଚିତ ପ୍ରତିନିଧି ମାନେ ସ୍ୱଇଚ୍ଛାରେ ଆସିଛନ୍ତି ବୋଲି ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଛାଡି ନଥିଲେ। ସୁଶ୍ରୀ ଦାସ କହିଥିଲେ, ପ୍ରଥମେ ସେମାନେ ଅନାସ୍ଥା ଭୋଟ ନହେଉ ବୋଲି ଚାହୁଁଥିଲେ। ସେଥିପାଇଁ କିର୍ମିରା



ପଞ୍ଚାୟତର ଦୁଇ ତୃତୀୟାଂଶ ପଞ୍ଚାୟତ ପ୍ରତିନିଧି ମାନେ ଅନାସ୍ଥା ନୋଟିସ ଦେବା ସତ୍ତ୍ୱେ ପ୍ରଶାସନ ଅନାସ୍ଥା ଭୋଟ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାରେ ହସ୍ତକ୍ଷେପ କରି ଜାନୁଆରୀ ୧୦ ତାରିଖ ସୁଦ୍ଧା ନିର୍ବାଚନ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଆସନ୍ନ ଜାଣି ଗୁଣ୍ଡା ମାନଙ୍କ ଦ୍ୱାରା ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରାଯାଇଥିଲା । ସମସ୍ତ ଉଦ୍ୟମରେ ବିଫଳ ହେବା ପରେ ପୋଲିସକୁ ଗୁଣ୍ଡା ଭୂମିକାରେ ନିୟୋଜିତ କରାଯାଇଥିଲା। ଲଇକେରା ଆଇଆଇସି ଆମ କଲ୍ୟାଣ ମଣ୍ଡପକୁ ବିନା ସର୍ଚ୍ଚ ୱାରେଣ୍ଟରେ କିଛି ଅସାମାଜିକ ବ୍ୟକ୍ତିଙ୍କ ସହ ଯାଇ ସର୍ଚ୍ଚ କରିଥିଲେ, ଯେଉଁଥିରୁ ସରକାରରେ ଥିବା ଦଳର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। ପରେ ଓଡିଶା ପୋଲିସର ଏକ ଟିମ୍ ଛତିଶଗଡ଼ ଯାଇ ସେମାନଙ୍କୁ ଜୋର ଜବରଦସ୍ତ ଅଟକ ରଖିଥିଲା, ପରେ ସେମାନଙ୍କୁ ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲା। ସେମାନଙ୍କୁ ଅଟକ ରଖାଯାଇଛି ବୋଲି ଜାଣିବା ପରେ ମୁଁ ମୋର ଭାଇ ବିଶାଲ ଦାସଙ୍କୁ ସେଠାକୁ ପଠାଇଥିଲି, କିନ୍ତୁ ପୋଲିସ ତାଙ୍କୁ ମଧ୍ୟ ଅଟକ ରଖିଥିଲା। ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେମାନଙ୍କୁ ଅଟକ ରଖାଯାଇଥିଲା। ବିଜେପି ପୋଲିସକୁ ହାତବାରିସୀ କରି ଗଣତନ୍ତ୍ରକୁ ହତ୍ୟା କରିଛି। ବିଜେପିର ସତସାହସ ଥିଲେ ଦୁଇ ଦିନ ଭିତରେ ନିର୍ବାଚନ କରନ୍ତୁ। ବିଜୁ ଜନତା ଦଳର ରାଜ୍ୟସଭା ସଦସ୍ୟ ଡଃ ସସ୍ମିତ ପାତ୍ର କହିଥିଲେ, ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦଳ ତରଫରୁ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରିଛନ୍ତି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ ହୋଇଛି ଓ ଅତିଶୀଘ୍ର ଏହି ଟିମ୍ ସେଠାକୁ ଯିବ ଓ ସମଗ୍ର ଘଟଣାର ତଥ୍ୟ ସଂଗ୍ରହ କରି ଦଳର ସଭାପତିଙ୍କ ନିକଟରେ ଉପସ୍ଥାପନ କରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟର ପ୍ରଥମ ...

ମହିଳା ହିଂସା ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ସହ ୪ଟି ଜିଲ୍ଲାରେ ମହିଳା କୋର୍ଟ ପ୍ରତିଷ୍ଠା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ନ୍ୟାୟ ପାଳିକାରେ ସଂସ୍କାର ଏବଂ ଉନ୍ନତି ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା, ଆଇନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା ପାଇଁ ସହଯୋଗ ପ୍ରଦାନ କରାଯାଇଛି ବୋଲି ଏହି କେନ୍ଦ୍ର ଏହାର ଏକ ପ୍ରମୁଖ ଅଂଶ ବିଶେଷ। ମୋଟ ୩୯କୋଟି ବ୍ୟୟରେ ନିର୍ମିତ ହୋଇଥିବା ଏହି କେନ୍ଦ୍ର ଆମ ଆଇନଗତ ବ୍ୟବସ୍ଥାର ଏକ ସମୃଦ୍ଧ ଐତିହ୍ୟର ଭଣ୍ଡାର ଭାବେ କାର୍ଯ୍ୟ କରିବ। ଗଣତନ୍ତ୍ର, ସମାନତା ଏବଂ ନିରପେକ୍ଷତାର ମୂଲ୍ୟବୋଧକୁ ବଜାୟ ରଖି ଦେଇଥିବା ଐତିହାସିକ ରାୟ ଏବଂ ମାମଲାର ଭଣ୍ଡାର ହେବ, ଯାହାକି ଓଡ଼ିଶା ସମେତ ଭାରତବର୍ଷର ଆଇନଗତ ଦୃଶ୍ୟପଟ୍ଟକୁ ଚିରସ୍ଥାୟୀ କରିବ ଏବଂ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବ। ଏହି କେନ୍ଦ୍ର ସମଗ୍ର ଦେଶରେ ଜ୍ଞାନର ଆଲୋକ ଏବଂ ନ୍ୟାୟିକ ଶିକ୍ଷା ପାଇଁ ଏକ ପ୍ରେରଣା ହେବ ବୋଲି ସେ କହିଥିଲେ।

## ସୁଭଦ୍ରା'ରେ...

ଅର୍ଥରାଶି ପାଇବାରେ ଅସୁବିଧା ହେବ। ତେଣୁ ତୁରନ୍ତ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ବା 'ମୋ ସେବା କେନ୍ଦ୍ର'କୁ ଯାଇ ବାୟୋମେଟ୍ରିକ୍ ପଦ୍ଧତିରେ ନିଜର ଇ-କେୱାଇସି କରିନେବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ମହିଳାମାନଙ୍କର ଆକାଉଣ୍ଟକୁ ଟଙ୍କା ଦେବା ଆରମ୍ଭ କରିଥିଲେ। ସେହିଦିନ ଠାରୁ ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଟଙ୍କା ଦେଇ ସାରିଛନ୍ତି। ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ କିସ୍ତିର ଟଙ୍କା ଦେବାକୁ ନିର୍ଦ୍ଧାରଣ କରିଛନ୍ତି।

## ଆସାମରେ ପଶିଲା ...

ପରୀକ୍ଷା ପାଇଁ ପଠାଇଥିଲୁ। ଲାହୋୱାଲରେ ଥିବା ଆଇସିଏମଆର-ଆରଏମଆରସି ପକ୍ଷରୁ ଶିଶୁଟି ଏଚଏମପିଭିରେ ସଂକ୍ରମିତ ହୋଇଥିବା କୁହାଯାଇଛି। ଏହା ଏକ ରୁଟିନ ଚେକଅପ ଥିଲା। ଟେଷ୍ଟ ବେଳେ ଏଚଏମପିଭି ଦ୍ୱାରା ପିଲାଟି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ପିଲାଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏହା ଏକ ସାଧାରଣ ଭାଇରସ। ଆତଙ୍କିତ ହେବାର କୌଣସି ଆଶଙ୍କା ନାହିଁ ବୋଲି ଡାକ୍ତର ଭୂୟାଁ ସୂଚନା ଦେଇଛନ୍ତି। ଆଇସିଏମଆର- ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରର ବରିଷ୍ଠ ଡାକ୍ତର ବିଶ୍ୱଜିତ କହିଛନ୍ତି, "୨୦୧୪ରେ ଆମେ ଡିବ୍ରୁଗଡ଼ରୁ ୧୧୦ଟି ଏଚଏମପିଭି କେସ୍ ଠାବ କରିସାରିଲୁଣି। ଚଳିତ ଋତୁରେ ଏହା ପ୍ରଥମ ଘଟଣା। ପ୍ରତିବର୍ଷ ଏଚଏମପିଭିକୁ ଠାବ କରାଯାଏ। ଏଥିରେ ନୂଆ କିଛି ନାହିଁ। "

## ଆତ୍ମସମର୍ପଣ କଲେ...

ଘୋଷଣା କରାଯାଇଛି। 'ନିଆଦ ନେଲା ନାର' ଯୋଜନା ଦ୍ୱାରା ପ୍ରଭାବିତ ହେବା ଏବଂ ନୂତନ ଶିବିର ପ୍ରତିଷ୍ଠା ଯୋଗୁଁ ପୁଲିସ ଚାପ ବୃଦ୍ଧି ପାଇଲା। ତେଣୁ ନକ୍ସଲ ଭୟଭୀତ ହୋଇ ଆତ୍ମସମର୍ପଣ କରୁଛନ୍ତି। ଏମାନେ ବୁର୍କାପାଲ ଘଟଣା ସମେତ ୫୦ରୁ ଊର୍ଦ୍ଧ୍ୱ ଘଟଣାରେ ସମ୍ପୃକ୍ତ ଥିଲେ।ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଅଯୋଧ୍ୟା ରାମ ମନ୍ଦିର ...

ହେବ। ଏହା ଭାରତର ଦୃଷ୍ଟି , ଦର୍ଶନ ଓ ଦିଗ୍ ଦର୍ଶନର ମନ୍ଦିର। ରାମଙ୍କ ରୂପରେ ରାଷ୍ଟ୍ର ଚେତନାର ମନ୍ଦିର। ଏହି ଭବ୍ୟ ରାମ ମନ୍ଦିର ବିକଶିତ ଭାରତର ସାକ୍ଷୀ ହେବ। ୨୦୨୪ ଜାନୁଆରୀ ୨୨ ତାରିଖରେ ରାମ ମନ୍ଦିର ନିର୍ମାଣ ହୋଇଥିଲା। କିନ୍ତୁ ତିଥି ଅନୁସାରେ ଜାନୁଆରୀ ୧୧ ଅର୍ଥାତ୍ ଆଜିର ଦିନରେ ବର୍ଷ ପୂର୍ତ୍ତି ହେଉଥିବାରୁ ଭବ୍ୟ ଆୟୋଜନ କରାଯାଇଛି।

## ଆଜିଠୁ ଘନ...

ଘନ କୁହୁଡି ପାଇଁ ପରିବହନ ସେବା ପ୍ରଭାବିତ ହେବ। ଏଥିପାଇଁ ରାତି ୨ଟାରୁ ସକାଳ ୧୦ ଟା ମଧ୍ୟରେ ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଜୋନ୍ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେପଟେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଢ଼ିବ ତାପମାତ୍ରା । ଅଧିକାଂଶ ଜିଲ୍ଲାରେ ୨ ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି । ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ । ଫଳରେ ତାପମାତ୍ରା ଉପରମୁହାଁ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । ଏଥି ସହିତ ୩ ଦିନ ପରେ ରାଜ୍ୟରେ ପୁଣି ବଢ଼ିବ ଶୀତ । ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ଆକଳନ କରାଯାଇଛି । ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ପୁଣି ଶୀତର ଲହରୀ ଅନୁଭୂତ ହୋଇପାରେ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୭ଟି ସହରରେ ଶୀତ ଲହରୀ ଅନୁଭୂତ ହୋଇଛି। ପାହାଡିଆ ଅଞ୍ଚଳ ଭାବରେ ୪.୮ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ଅଞ୍ଚଳ ଭାବରେ ରେକର୍ଡ କରିଛି । ସେହିଭଳି ସିମିଳିଗୁଡାରେ ୫.୬ଡିଗ୍ରୀ, ଫୁଲବାଣୀରେ ୬.୫ଡିଗ୍ରୀ, ଦାରିଙ୍ଗବାଡିରେ ୮.୫, ରାଉରକେଲା ୮.୫, କେନ୍ଦୁଝରେ ୯.୪, ଝାରସୁଗୁଡା ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

# ରାୟଗଡା ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବେ ଅମିତାଭ ସିଂଘଲଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତୀୟ ରେଳର ଜଣେ ଦକ୍ଷ ଅଧିକାରୀ ଶ୍ରୀ ଅମିତାଭ ସିଂଘଲ ପୂର୍ବତଟ ରେଳପଥ ଅଧୀନରେ ନୂତନ ଭାବରେ ପ୍ରତିଷ୍ଠିତ ରାୟଗଡା ରେଳ ମଣ୍ଡଳର ପ୍ରଥମ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଛନ୍ତି। ଏହି ନିଯୁକ୍ତି ନୂତନ ଡିଭିଜନକୁ କାର୍ଯ୍ୟକ୍ଷମ କରିବା ଏବଂ ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ରାୟଗଡା ରେଳ ମଣ୍ଡଳର ଗଠନ ହେଉଛି ଓଡ଼ିଶାର ବିଶେଷକରି ଦକ୍ଷିଣ ଜିଲ୍ଲାଗୁଡ଼ିକରେ ରେଳ ନେଟୱର୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଅଂଶ। ଏହି ରେଳ ମଣ୍ଡଳ ରାୟଗଡା, କୋରାପୁଟ, ଗଜପତି, ନବରଙ୍ଗପୁର, ମାଲକାନଗିରି ଏବଂ କଳାହାଣ୍ଡିର ଆଦିବାସୀ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବ, ଯାହା ଏହି ଉପାନ୍ତ ଓ ଅନୁନ୍ନତ ଅଞ୍ଚଳରେ ଏକ ଦ୍ରୁତ ପରିବର୍ତ୍ତନ ଆଣିବ। ଶ୍ରୀ ସିଂଘଲଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ



ଯୋଗଦାନର ଲକ୍ଷ୍ୟ ହେଉଛି ରାୟଗଡା ରେଳ ମଣ୍ଡଳ ହେଡକ୍ୱାର୍ଟରର ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ଏହି ଅଞ୍ଚଳଗୁଡ଼ିକରେ ରେଳ ଭିତ୍ତିଭୂମିର ଦ୍ରୁତ ବିକାଶ। ତାଙ୍କ ନେତୃତ୍ୱ, ବିଶେଷକରି ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି, ସଂଯୋଗୀକରଣରେ ଉନ୍ନତି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଶ୍ରୀ ସିଂଘଲ ଭାରତୀୟ ରେଳରେ ଏକ ପ୍ରଭାବଶାଳୀ ଟ୍ରାକ୍ ରେକର୍ଡ ସୃଷ୍ଟି କରିଛନ୍ତି । ଏନଆଇଟି ତ୍ରିଚିରୁ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ପରେ ଶ୍ରୀ ସିଂଘଲ ୧୯୯୯ ମସିହାରେ ସହାୟକ ମଣ୍ଡଳ ବୈଦ୍ୟୁତିକ ଇଞ୍ଜିନିୟର ଭାବରେ ଭାରତୀୟ ରେଳରେ ଯୋଗ ଦେଇଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ (ଟ୍ରେନ-୧୮) ର ଡିଜାଇନ୍, ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହିତ ରେଳ ବିଦ୍ୟୁତୀକରଣରେ ନବସୃଜନ ସମେତ ପ୍ରମୁଖ ପ୍ରକଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ରେଳ ବିକାଶର ଏହି ନୂତନ ଅଧ୍ୟାୟ ସ୍ଥାନୀୟ ସମ୍ପ୍ରଦାୟକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବା ସହିତ ବଜାର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ସୁଗମତା ବୃଦ୍ଧି କରିବ। ଏହା କୃଷିଭିତ୍ତିକ କ୍ଷେତ୍ର ଭଳି ସ୍ଥାନୀୟ ଶିଳ୍ପର ଅଭିବୃଦ୍ଧିକୁ ମଧ୍ୟ ସହଜ କରିବ ଏବଂ ଦକ୍ଷିଣ ଓଡ଼ିଶାର ପ୍ରାକୃତିକ ଏବଂ ସାଂସ୍କୃତିକ ସମୃଦ୍ଧ ଅଞ୍ଚଳରେ ପର୍ଯ୍ୟଟନକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ। ରାୟଗଡା ରେଳ ମଣ୍ଡଳ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଥିବା ବେଳେ ଓଡ଼ିଶାକୁ ଏକ ପ୍ରମୁଖ ଯାତାୟାତ ଏବଂ ଅର୍ଥନୈତିକ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବ। ଏହା କୋରାପୁଟ କଫି ଏବଂ ହଳଦୀ ଭଳି ସ୍ଥାନୀୟ ଉତ୍ପାଦର ପ୍ରୋତ୍ସାହନରେ ମଧ୍ୟ ସାହାଯ୍ୟ କରିବ ଯାହା ବ୍ୟାପକ ବଜାର ଏବଂ ପ୍ରସାର ପାଇଁ ଅଧିକ ସୁଯୋଗ ଦେଖିବାକୁ ପ୍ରସ୍ତୁତ। ଏହି ରେଳ ମଣ୍ଡଳର ପ୍ରତିଷ୍ଠା ସଂଯୋଗୀକରଣକୁ ବୃଦ୍ଧି କରିବା, ଅଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଭାରତର ବ୍ୟାପକ ଭିତ୍ତିଭୂମି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଏକ ରଣନୈତିକ ପଦକ୍ଷେପ। ଦକ୍ଷିଣ ଓଡ଼ିଶାରେ ରେଳ ନେଟୱର୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପ୍ରୟାସର ଅଂଶ ଭାବରେ ରାୟଗଡା ରେଳ ମଣ୍ଡଳ ପ୍ରତିଷ୍ଠିତ ହୋଇଛି। ଏହା ରାଜ୍ୟର ଆଦିବାସୀ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ସେବା ପ୍ରଦାନ କରାଇବା ସହ ଉନ୍ନତ ରେଳ କାର୍ଯ୍ୟ ମାଧ୍ୟମରେ ଆଞ୍ଚଳିକ ସଂଯୋଗୀକରଣ, ଭିତ୍ତିଭୂମି ବିକାଶ ଏବଂ ଆର୍ଥିକ ଉନ୍ନତି ଉପରେ ଧ୍ୟାନ ଦେବ ।

# ଓଡ଼ିଶାର ବିକାଶ କ୍ଷେତ୍ରରେ ଟର୍ଣ୍ଣିଂ ପଏଣ୍ଟ ପ୍ରବାସୀ ଭାରତୀୟ ସମ୍ମିଳନୀ- ରାଜସ୍ୱ ମନ୍ତ୍ରୀ

## ଓଡ଼ିଶାରେ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଲେ ଧନ୍ୟବାଦ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ବିକାଶ କ୍ଷେତ୍ରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଟର୍ଣ୍ଣିଂ ପଏଂଟ ହେବାକୁ ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାକୁ ସୌଭାଗ୍ୟ ମିଳିଲା, ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଭାରତୀୟ ଓ ଓଡ଼ିଆ ମାନେ



ଆସିଲେ। ଓଡ଼ିଶାର ଅର୍ଥନୀତିରେ ସେମାନଙ୍କର କଣ ଭୂମିକା ହୋଇପାରିବ, ସେ ବାବଦରେ ସେମାନେ ବି ଜାଣିଲେ, ଓଡ଼ିଶା ସରକାର ମଧ୍ୟ ସୁଯୋଗ ପାଇଲେ । ପୁଞ୍ଜିନିବେଶ ଓ ସୁବିଧା ନେଇ ସେମାନଙ୍କୁ ସରକାର ଲମ୍ବା ସୂଚୀ ଦେଇଛନ୍ତି । ଓଡ଼ିଶାରେ ଖଣିଜ, ଜଳ, ଜଙ୍ଗଲ ସମ୍ପଦ ଭରପୁର ଅଛି, ଯୋଗାଯୋଗ ପାଇଁ ଭୁବନେଶ୍ୱରରେ ବଡ଼ ଏୟାରପୋର୍ଟ ସମେତ ବିଭିନ୍ନ ଅଂଚଳରେ ଛୋଟ ଛୋଟ ଏୟାରପୋର୍ଟ ଅଛି । ଗତ ୧୦ ବର୍ଷ ଭିତରେ ରେଳ କ୍ଷେତ୍ରରେ ମଧ୍ୟ ବିକାଶ ହୋଇଛି । ଶକ୍ତି କ୍ଷେତ୍ରରେ ମଧ୍ୟ ଓଡ଼ିଆରେ ଆତ୍ମନିର୍ଭରଶୀଳ ହୋଇଛି ଓଡ଼ିଶା । ଶିଳ୍ପ ପାଇଁ ଓଡ଼ିଶାରେ ସବୁ ଉପାଦାନ ମହଜୁଦ ଅଛି । ବିକଶିତ ରାଜ୍ୟ ଗଠନରେ ପ୍ରବାସୀ ସେମାନଙ୍କ ଭୂମିକା କଣ ହେବ, ସେ ବାବଦରେ ମଧ୍ୟ ଆଲୋଚନା ହୋଇଛି । ଆମେ ସେମାନଙ୍କ ପାଇଁ ଓଡ଼ିଶାରେ ସୁଯୋଗ ସୃଷ୍ଟି କଲେ ଓଡ଼ିଶା ମଧ୍ୟ ବିକଶିତ ହେବ ବୋଲି ସୁରେଶ ପୂଜାରୀ କହିଛନ୍ତି ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ କୃଷକ ସମାବେଶ

**ଲପଙ୍ଗା, ନ୍ୟୁଜ ବ୍ୟୁରୋ**
ଆଦିତ୍ୟ ଆଲୁମିନିୟମ ଲପଙ୍ଗା ନୂତନ ବର୍ଷର ଅଭିନନ୍ଦନ ସହ, କୃଷକ ସମାବେଶ ୨୦୨୫, ସ୍ଥାନୀୟ ଆର.ଆର. କଲୋନୀ ଲୁଧାପାଲି ଠାରେ ଆୟୋଜିତ ହୋଇଅଛି। କୃଷକର ଉନ୍ନତିରେ ଦେଶର ପ୍ରଗତି। ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ, ଆଦିତ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ,ଅଞ୍ଚଳର କୃଷକ ମାନଙ୍କର, ସଂଗଠନ, ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖି ସୌର ଚାଳିତ ପାଣି ପମ୍ପ ପ୍ରକଳ୍ପର ଶୁଭଉଦଘାଟନ କରାଯାଇ, ଚାଳିତ ବର୍ଷ ପାଇଁ ୫୭ଜଣ ଉଦ୍ୟୋଗୀ ଚାଷୀ ମାନଙ୍କୁ ଏହି ପ୍ରକଳ୍ପରେ ସାମିଲ କରିପାରିଛି। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷାକରି ବିଭିନ୍ନ ସୁବିଧା ସୁଯୋଗ ଦେଇଆସୁଅଛି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଗ୍ରଣୀ କୃଷକ ମାନଙ୍କୁ, ନୂତନ କୃଷି ଯନ୍ତ୍ରପାତିର ଜ୍ଞାନ କୌଶଳ, ଜୈବିକ ଚାଷର ନିମନ୍ତେ ଉତ୍ସାହିତ ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ, ଶ୍ରୀ ହିମାଂଶୁ ଶେଖର ସାହୁ, ସହ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ମୁଖ୍ୟ ବକ୍ତା ଭାବେ ଯୋଗଦାନକରି ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଞ୍ଚଳର ବିକାଶ ପାଇଁ କମ୍ପାନୀ ଶିକ୍ଷା, ସ୍ୱାସ୍ଥ୍ୟ, ତଥା ଜୀବନ ଜୀବିକା ସୁଦୃଢ ନିମନ୍ତେ, କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀ ଜଗନ୍ନାଥ ପ୍ରସାଦ ନାୟକ, ପ୍ରକଳ୍ପ ମୁଖ୍ୟ, ସରକାରଙ୍କ ବିଭିନ୍ନ ଯୋଜନାକୁ ସହାଭାଗିତାରେ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୁଯୋଗ ନିମନ୍ତେ ବାର୍ତ୍ତା ପ୍ରଦାନ କରି କୃଷକ ବନ୍ଧୁ ମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ବିନୋଦା ନନ୍ଦ ଠାକୁର, ମାନବ ସମ୍ବଳ ମୁଖ୍ୟ, ଅଞ୍ଚଳର ବିକାଶ ଦିଗରେ ଉନ୍ନତି ମୂଳକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ. କାର୍ଯ୍ୟକ୍ରମରେ, ଡ଼କ୍ଟର




ସଂଯୁକ୍ତା ମହାପାତ୍ର, ସହ ନିର୍ଦ୍ଦେଶକ, ଡ଼କ୍ଟର ଅମ୍ରିତା ପଣ୍ଡା, ବ୍ଲକ ପ୍ରାଣୀ ବିଭାଗ, ଶ୍ରୀ ଆଶିଷ ମିଶ୍ର ମୃତ୍ତିକା କୃଷି ବିକାଶ କେନ୍ଦ୍ର, ଶ୍ରୀମତୀ ଶୁଭଶ୍ରୀ ଜେନା, ବ୍ଲକ କୃଷି ଅଧିକାରୀ ଓ ମଷ୍ଟ୍ୟ ଚାଷ ବିଭାଗ ଅଧିକାରୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ.କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ ଚାଷୀ ଯୋଗଦାନ କରିଥିଲେ। ବିଭିନ୍ନ କୃଷି ଜାତ ଦ୍ରବ୍ୟ ଓ ଏଜେନସି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ। ଅତିଥି ମାନେ ଉଦ୍ୟୋଗୀ କୃଷକ ମାନଙ୍କୁ, କୁମୁଦିନୀ ଏଣ୍ଟେରପ୍ରଇସର ସହ ଭାଗିତାରେ ଚାଷ ନିମନ୍ତେ ସୋଲାର ଚାଳିତ ପାଣି ପମ୍ପ ପ୍ରଦାନ କରିଥିଲେ। ଭାଲୁଦୁଡ଼ିଆ କଲୋନୀ କମିଟି ସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗରେ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭଗୀୟ ଅଧିକାରୀ, ଶ୍ରୀ ମନୋରଞ୍ଜନ ବେହେରାଙ୍କପ୍ରତ୍ୟେକ୍ଷ ତତ୍ତ୍ୱାବଧାନତରେ ସଫଳତାର ସହିତ ଆୟୋଜିତ ହୋଇ ସ୍ଥାନୀୟ ଜନ ମାନସରେ ଉଚ୍ଚ ପ୍ରଶଂସ୍ଥିତ ହୋଇଥିଲା।

ଭୁବନେଶ୍ୱର
୧୨ ଜାନୁଆରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଜିଠୁ ୧୫ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାମ ସ୍ଥଗିତ : ନୀତିକାନ୍ତିକୁ ଦୃଷ୍ଟିରେ ରଖି ପ୍ରଶାସନର ନିଷ୍ପତ୍ତି



**ପୁରୀ ୧୧/୦୧ ନ୍ୟୁଜ ବ୍ୟୁରୋ**
ମକରସଂକ୍ରାନ୍ତି ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତିକୁ ଦୃଷ୍ଟିରେ ରଖି ରବିବାର ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ରତ୍ନଭଣ୍ଡାର ମରାମତି କାମ ସ୍ଥଗିତ ରଖାଯାଇଛି । ଏନେଇ ସୂଚନା ଦେଇଛି ଶ୍ରୀମନ୍ଦିର କାର୍ଯ୍ୟାଳୟ । ଆସନ୍ତା ୧୬ ତାରିଖରୁ ପୁଣିଥରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି ଆରମ୍ଭ ହେବ । ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଗତ ମାସ ୧୭ ତାରିଖରୁ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଛି । ପହିଲି ଭୋଗ ନୀତି ଚାଲିଥିବାରୁ ପ୍ରତିଦିନ ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଖୋଲି ଦ୍ୱିତୀୟ ଭୋଗମଣ୍ଡପ ଦିନ ସାଢ଼େ ୧୨ଟା ସୁଦ୍ଧା ସାରିବାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପ୍ରସ୍ତୁତି କରିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ନା ନୀତିକାନ୍ତି ଆରମ୍ଭ ହୋଇପାରୁଛି ନା ସରିପାରୁଛି। ତେଣୁ ପ୍ରତିଦିନ ସାଢ଼େ ୧୨ଟାଠାରୁ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ପର୍ଯ୍ୟନ୍ତ ଏଏସ୍ଆଇକୁ ରତ୍ନଭଣ୍ଡାର ମରାମତି ନିମନ୍ତେ ସମୟ ଦେବାକୁ ହୋଇଥିବା ନିଷ୍ପତ୍ତି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି । ପ୍ରତ୍ୟେକ ଦିନ ପ୍ରାୟ ଘଣ୍ଟାଏରୁ ୨ ଘଣ୍ଟା ସମୟ ମିଳୁଥିବାରୁ ଏଏସ୍ଆଇର ଶ୍ରମିକମାନେ ପର୍ଯ୍ୟାପ୍ତ ସମୟ ମରାମତି ଓ ସଂରକ୍ଷଣ ନିମନ୍ତେ ପାଉନାହାନ୍ତି । ନୂଆବର୍ଷ ପୂର୍ବରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରତ୍ନଭଣ୍ଡାର କାମକୁ ୮ ଦିନ ନିମନ୍ତେ ବନ୍ଦ କରାଯାଇଥିଲା । ଏଏସ୍ଆଇର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଭିତର ଓ ବାହାର ରତ୍ନଭଣ୍ଡାର (ଉଭୟର ଭିତର ପାର୍ଶ୍ୱ) ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଉପର ଆଡୁ ଚୁନ ଛଡ଼ା କାମ ସରିଛି । ଏବେ ଭିତର ରତ୍ନଭଣ୍ଡାର ଭିତର ପାର୍ଶ୍ୱରେ ଖରାପ ହୋଇଯାଇଥିବା ପଥର ଗୁଡ଼ିକ କାଢ଼ି ନୂଆ ପଥର ଲଗାଯାଉଛି । ପଥର-ପଥର ଭିତରେ ଥିବା ଜଏଣ୍ଟ ସିଲିଂ (ଯୋଡ଼େଇ ପ୍ଲାଷ୍ଟର)କୁ ପରିଷ୍କାର କରାଯାଇ ନୂଆ ଜଏଣ୍ଟ ସିଲିଂ କରାଯାଉଛି । ଏହି ଦୁଇ କାମ ସରିବା ପରେ କେମିକାଲ ଟିମ୍ କେମିକାଲ ପ୍ରଲେପ ଦେବା କାମ କରିବ। ପରେ ଚଟାଣରେ ରହିଥିବା ପ୍ଲାଷ୍ଟରକୁ ଛଡ଼ାଇ ଗ୍ରାନାଇଟ୍ ପଥର ପକାଯିବ । ଭିତର ଭଣ୍ଡାର ଦକ୍ଷିଣ ପାର୍ଶ୍ୱର ଗ୍ରୀଲ ଉପରେ ରହିଥିବା ବିମ୍‌କୁ ବଦଳାଇ ଦିଆଯିବ । ଏହି ବିମ୍ ପୁରୁଣା ପିଟା ଲୁହାରେ ପ୍ରସ୍ତୁତ ହୋଇଥିବାରୁ ପାଣି ଲିକ୍ ଯୋଗୁଁ କଳଙ୍କି ଖାଇ ଫୁଲିଯାଇଛି ଓ ପଥରକୁ ମଧ୍ୟ ଫଟାଇ ଦେଇଛି । ତେଣୁ ବିମ୍‌କୁ ବଦଳାଇବା ସହ ଠଣା (ପକେଟ)କୁ ମରାମତି କରାଯିବ । ମରାମତି ସମୟରେ ଅନୁସଙ୍ଗିକ ସହଯୋଗ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଛି। ରତ୍ନଭଣ୍ଡାର ଭିତରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯାଇଛି । କାମରେ ନିୟୋଜିତ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଯୋଗାଇ ଦିଆଯାଇଛି । ପ୍ରତିଦିନ ଦିଆଯାଉଥିବା ସମୟ ଓ ସୁବିଧା ଅନୁଯାୟୀ ରତ୍ନଭଣ୍ଡାର ଭିତରେ ମରାମତି କାମ ହେଉଛି । ରତ୍ନଭଣ୍ଡାର ଭିତର ପାର୍ଶ୍ୱ ମରାମତି ଓ ସଂରକ୍ଷଣ ସରିବା ପରେ ଏହାର ବାହାର ପାର୍ଶ୍ୱ ଚୂନ୍ ଛଡ଼ା ଯାଇ ମରାମତି ଓ ସଂରକ୍ଷଣ କାମ କରାଯିବ । ଜିପିଆର ସର୍ଭେ ଓ ଲେଜର ସ୍କାନିଂ ରିପୋର୍ଟକୁ ଆଧାର କରି ଏହି ମରାମତି ହେଉଛି ବୋଲି ସୂଚନାରୁ ଜଣାପଡ଼ିଛି ।

# ତଳମୁହାଁ ହେବାରେ ଲାଗିଛି ସେୟାର ବଜାର

**ନୂଆଦିଲ୍ଲୀ, ୧୧/୧**
ବର୍ଷ ଆରମ୍ଭରୁ ଭାରତୀୟ ସେୟାର ମାର୍କେଟ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି । ପ୍ରାୟତଃ ସମସ୍ତ ଭଲ ଭଲ କମ୍ପାନୀ ଗୁଡିକର ଷ୍ଟକ୍ ତଳମୁହାଁ ହେବାରେ ଲାଗିଛି । ବିଗତ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ଆରମ୍ଭରୁ ଏହି ତଳମୁହାଁ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଯାହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଓ ନିବେଶକଙ୍କ ଉପରେ ପଡିଛି । ଏହି ତଳମୁହାଁ ଟ୍ରେଣ୍ଡ କାରଣରୁ ପ୍ରାୟତଃ ସମସ୍ତ ନିବେଶକଙ୍କ ପୋର୍ଟଫୋଲିଓ ନେଗେଟିଭରେ ଚାଲୁଥିବା ଦେଖିବାକୁ ମିଳିଛି । ବିଶେଷକରି ଷ୍ଟକରେ ଟଙ୍କା ନିବେଶ କରିଥିବା ଲୋକମାନେ ଏବେ ଟଙ୍କା ହରାଇବାରେ ଲାଗିଛନ୍ତି । ବର୍ତ୍ତମାନ ସେୟାର ମାର୍କେଟ ଡାଉନ ହେବାର କିଛି ପ୍ରମୁଖ କାରଣ ହେଉଛି। ଫରେନ ଇନଷ୍ଟିଚ୍ୟୁସନାଲ ଇନଭେଷ୍ଟର ମାନେ ସେୟାର ସେଲିଙ୍ଗ କରୁଛନ୍ତି ଅର୍ଥାତ ବିଦେଶୀ ନିବେଶକ ମାନେ ଭାରତ ବଜାରରୁ ମୁହଁ ଫେରାଉଛନ୍ତି। ବଡ ବଡ କମ୍ପାନୀ ମାନେ ମଧ୍ୟ ନିଜର ପ୍ରଫିଟ ବୁକିଂ କରୁଛନ୍ତି । ଏଥିସହ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୁଲ୍ୟ କମିବାରେ ଲାଗୁଛି । ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରିର ଦର ମଧ୍ୟ ବୃଦ୍ଧି ହେବାରେ ଲାଗିଛି । ଭିନ୍ନଭିନ୍ନ କ୍ଷେତ୍ରରେ ଅଧିକ ପରିମାଣର ସୁଧ ହାର ଏକ ପ୍ରମୁଖ କାରଣ ପାଲଟିଛି । ଅନ୍ତର୍ଜାତୀୟ ସ୍ତରରେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେବା ମଧ୍ୟ ଏକ ପ୍ରମୁଖ କାରଣ । ଗୋଟିଏ ପଟେ ସେୟାର ମାର୍କେଟ ତଳମୁହାଁ ହେବା କାରଣରୁ ବିଭିନ୍ନ ଷ୍ଟକ୍ ପକେଇ ରଖିଥିବା ନିବେଶକମାନେ କ୍ଷତି ସହୁଥିବା ବେଳେ ଅନ୍ୟପଟେ ଇନଟ୍ରାଡେ ଟ୍ରେଡିଂ କରୁଥିବା ନିବେଶକମାନେ କିନ୍ତୁ ଲାଭ କରିବାରେ ସକ୍ଷମ ହୋଇପାରୁଛନ୍ତି । ସେୟାର ମାର୍କେଟ ଉପରକୁ ଯାଉ କି ତଳକୁ ଖସୁ, ଇନଟ୍ରାଡେ ଟ୍ରେଡିଙ୍ଗକୁ ଭଲରେ ଶିଖିଥିବା ବ୍ୟକ୍ତି ଉପଯୁକ୍ତ ସମୟରେ ଟଙ୍କା ନିବେଶ କରି ଉପଯୁକ୍ତ ସମୟରେ ପ୍ରଫିଟ ବୁକିଂ କରି ଅର୍ଥ ଉପାର୍ଜନ କରୁଛନ୍ତି । ସେୟାର ମାର୍କେଟ ଡାଉନ ହେବା କିଛି ନୂଆ କଥା ନୁହେଁ ।

# ଆର୍ଟ ଅଫ୍ ଗିଭିଂର ଏକ ପ୍ରୟାସ : କିଟ୍‌ରେ ବିଶାଳ ରକ୍ତଦାନ ଶିବିର



୩ହଜାର ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ୧୧।୧ ନ୍ୟୁଜ ବ୍ୟୁରୋ**
କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଡ. ସାମନ୍ତ କହିଲେ, କିଟ୍ ଓ କିସ୍ ପକ୍ଷରୁ ବାର୍ଷିକ ୬୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବର୍ଷ ତମାମ ଓଡ଼ିଶାର ୩୦ଟି ଜିଲ୍ଲାରେ ଏଭଳି ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ ଓ ସଂଗୃହୀତ ରକ୍ତକୁ ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରକୁ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ସେଥିରୁ କେବଳ କିଟ୍ ଓ କିସ୍‌ର କର୍ମଚାରୀ ୬ହଜାର ୟୁନିଟ୍ ରକ୍ତଦାନ କରିବେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଯୁଗ୍ମ କୁଳସଚିବ ଡା. ଶ୍ୟାମ ସୁନ୍ଦର ବେଉରା ଏବଂ କିମ୍ସ ମେଡ଼ିକାଲ୍ ଗ୍ରୁପ୍ ଡାଇରେକ୍ଟର ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ କିମ୍ସ ସମେତ ଏସ୍‌ସିବି ମେଡ଼ିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, ଭୁବନେଶ୍ୱରସ୍ଥିତ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଦଳ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିର ଶନିବାର ସକାଳୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ପ୍ରାୟ ୩ହଜାର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି। ସ୍ୱେଚ୍ଛାକୃତ ରକ୍ତଦାନକାରୀମାନେ ଯେପରି ଶୃଙ୍ଖଳିତର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଗୁରୁଙ୍କ ଠାରୁ ପାଉଥିବା ଜ୍ଞାନକୁ ନେଇ ନିଜର ଭବିଷ୍ୟତ ଗଢ



**ଭୁବନେଶ୍ୱର, ୧୧/୧ ନ୍ୟୁଜ ବ୍ୟୁରୋ**
ଛାତ୍ରଛାତ୍ରୀ ଗୋଟିଏ କଥା ସଦାବେଳେ ମନେରଖ ଶରୀରରେ ଆଘାତ ହେଲେ ଔଷଧ ଖାଇ ଭଲ ହେବ। କିନ୍ତୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦେଖିଥିବା ସ୍ୱପ୍ନ ଭାଙ୍ଗିଲେ ତାକୁ ଆଉ ଥରେ ଯୋଡି ହେବନି। ତେଣୁ ଗୁରୁଙ୍କ ଠାରୁ ପାଉଥିବା ଜ୍ଞାନକୁ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଗଢି ତୋଳନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ୟୁନିଟ-୬ ଉଚ୍ଚ ସରକାରୀ ବିଦ୍ୟାଳୟଠାରେ ୟୁନିଟ-୬ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଆୟୋଜିତ ଦୁଇ ଦିନିଆ 'ହୀରକ ଜୟନ୍ତୀ' ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସିଂଦେଓ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ସମାଜରେ ସଂସ୍କୃତି ନଷ୍ଟ ହେବାକୁ ଗଲାଣି। ଗୁରୁ ଆଉ ଅଭିଭାବକ ପିଲାଙ୍କୁ ସଂସ୍କାର ଶିକ୍ଷା ଦିଅନ୍ତୁ। ସଂସ୍କୃତି ସହିତ ଯୋଡି ରଖନ୍ତୁ। ପିଲାଙ୍କୁ ଶିକ୍ଷା ସହିତ ଖେଳ ଓ ଅନ୍ୟ ପ୍ରତିଭାରେ ନିୟୋଜିତ କରନ୍ତୁ। ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଗଠନ ପକ୍ଷରୁ କରାଯାଇଥିବା ଅନୁରୋଧ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜଷ୍ଟିସ ପ୍ରମଥ ପଟ୍ଟନାୟକ କହିଛନ୍ତି, ଏହି ବିଦ୍ୟାଳୟର ଅନେକ ଖ୍ୟାତି ରହିଛି। ୬୦ ବର୍ଷ ଧରି ଗୌରବ ବଢ଼ାଉଛି। ତେଣୁ ଛାତ୍ରଛାତ୍ରୀ ଶିକ୍ଷକଙ୍କ ପରାମର୍ଶ ଅନୁସରଣ କରନ୍ତୁ। ଏହା ଏକ ସୁନ୍ଦର ଭବିଷ୍ୟତ ପାଇଁ ପଥ ପ୍ରଦର୍ଶକ ହେବ। ପିଲାମାନେ ସବୁବେଳେ ଭଲ ମଣିଷ ହେବାକୁ ଲକ୍ଷ୍ୟ ରଖ। ଏଥିପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ପଡ଼େନାହିଁ। ଏହି ବିଦ୍ୟାଳୟ ସମାଜ ପାଇଁ ଏକ ଆଲୋକବର୍ତ୍ତିକା ଭାବେ ଠିଆ ହୋଇଛି। ଏଠାକାର ପୁରାତନ ଛାତ୍ର ପ୍ରତିଫଳିତ ଭାବେ ଦଣ୍ଡାୟମାନ। ଛାତ୍ର ସଂଗଠନ ଅଧକ୍ଷ ସୂର୍ଯ୍ୟ ନାରାୟଣ ଦାସ କହିଛନ୍ତି, ଛାତ୍ରଛାତ୍ରୀ ଗୁରୁଙ୍କ ଠାରୁ ପାଉଥିବା ଜ୍ଞାନକୁ ମାନବ କଲ୍ୟାଣ ପାଇଁ ପ୍ରୟୋଗ କରନ୍ତୁ। ବିଦ୍ୟାଳୟ ପାଇଁ ଏକ ଅଡ଼ିଟୋରିୟମ ନିର୍ମାଣ ନିମନ୍ତେ ସେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁପାଲୀ ସେନାପତି କହିଛନ୍ତି, ପୁରାତନ ଛାତ୍ର ଏହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରଛାତ୍ରୀ ବଡ ସ୍ୱପ୍ନ ଦେଖନ୍ତୁ। ଏହି ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କରନ୍ତୁ। ଟ୍ରଷ୍ଟୀ ଦୁର୍ଗା ପ୍ରସାଦ ମହାପାତ୍ର ଓ ସମ୍ପାଦକ ମାନସ ରାୟ ମହାପାତ୍ର ନିଜ ମତ ରଖିଥିଲେ। ଏହି ଉତ୍ସବରେ ସମ୍ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୭୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୁରାତନ ଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଛୁଆ ଦନ୍ତା ହାତୀର ମୃତ୍ୟୁ

**ଆଠଗଡ ୧୦।୧ ନ୍ୟୁଜ ବ୍ୟୁରୋ**
ପୁଣି ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜରେ ଛୁଆ ଦନ୍ତା ହାତୀର ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ଆଠଗଡ଼ ବନଖଣ୍ଡ ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜ ଅଧୀନ ଦେବଭୂମି ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଦଲକ ବିଟ୍‌ର କମ୍ପାଟମେଣ୍ଟ ୧୦ରେ ଏକ ୫ ବର୍ଷ ଛୁଆ ଦନ୍ତା ହାତୀର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ। ଦୁଇ ଦିନ ତଳେ ହାତୀର ମୃତ୍ୟୁ ହୋଇଥିବା ବେଳେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲା। ଗୁରୁବାର ପ୍ରାଣୀଧନ ଚିକିତ୍ସା ଅଧିକାରୀ ପହଞ୍ଚି ଶବ ବ୍ୟବଚ୍ଛେଦ କରିଥିବା ଏବଂ ମୃତ ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜର ସୁବାସ ରାଉତ ସୂଚନା ଦେଇଛନ୍ତି । ସନ୍ଦେହଜନକ ଭାବେ ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ନେଇ ଏବେ ନରସିଂହପୁର ବନ ବିଭାଗର କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନବୀନଙ୍କୁ ଭେଟିଲେ ମୃତ ସହଦେବଙ୍କ ପରିବାର

# ସହାୟତା ଦେବା ସହ ୨ ଛୁଆଙ୍କ ପାଠପଢ଼ା ଦାୟିତ୍ୱ ନେଲେ ନବୀନ



**ଭୁବନେଶ୍ୱର, ୧୧/୧ ନ୍ୟୁଜ ବ୍ୟୁରୋ**
ଚଳିତ ଜାନୁଆରୀ ୮ ତାରିଖ ସକାଳେ ପ୍ରବାସୀ ଭାରତୀୟ ଦିବସ ପାଇଁ ଉତ୍ସବ ମୁଖର ଥିବା ଭୁବନେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ରସୁଲଗଡ଼ ଫ୍ଲାଏ ଓଭର ଉପରେ ଭୁବନେଶ୍ୱର ମହାନଗର ନିଗମର ସଫେଇ କର୍ମଚାରୀଙ୍କ ସୁପରଭାଇଜର ସହଦେବ ନାୟକଙ୍କୁ ନିର୍ମମ ହତ୍ୟା ଘଟଣା। କଡା ସୁରକ୍ଷା ବଳୟରେ ଥିବାବେଳେ ଭୁବନେଶ୍ୱରରେ ଏପରି ବିଭତ୍ସ ହତ୍ୟାକାଣ୍ଡ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ହତ୍ୟାର ଶିକାର ହୋଇଥିବା ସହଦେବ ନାୟକଙ୍କ ବିଧବା ପତ୍ନୀ ଓ ଦୁଇ ଝିଅ ଶନିବାର ସନ୍ଧ୍ୟାରେ ନବୀନ ନିବାସ ଆସି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ନୃଶଂସ ହତ୍ୟାରେ ସମ୍ପୃକ୍ତ ସମସ୍ତଙ୍କୁ କଠୋର ଶାସ୍ତି ନେଇ ଦାବି ଜଣାଇଥିଲେ। ନବୀନ ପଟ୍ଟନାୟକ ସ୍ୱର୍ଗତ ସହଦେବ ନାୟକଙ୍କ ପତ୍ନୀ ଓ ପିଲାମାନଙ୍କୁ ସାନ୍ତ୍ୱନା ଦେବା ସହ ଏ ଦାରୁଣ ବିପତ୍ତି ସମୟରେ ସେ ତାଙ୍କ ସହ ଅଛନ୍ତି ଓ ତାଙ୍କୁ ସମସ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଜଘନ୍ୟ ହତ୍ୟା ଘଟଣାକୁ କଡ଼ା ନିନ୍ଦା କରିବା ସହ ତାଙ୍କ ପରିବାରକୁ ଯେପରି ନ୍ୟାୟ ମିଳିବ ସେଥିପାଇଁ ଲଢେଇ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏଥି ସହିତ ଶୁଦ୍ଧି କର୍ମ ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱର୍ଗତ ନାୟକଙ୍କ ପରିବାରକୁ ପଚାଶ ହଜାର ଟଙ୍କାର ସହାୟତା ତାଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ। ଏହି ସାକ୍ଷାତ ସମୟରେ ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ କର୍ପୋରେଟର ମାନେ ଉପସ୍ଥିତ ଥିଲେ। ଉଲ୍ଲେଖ ଯୋଗ୍ୟ ଯେ ହତ୍ୟାର ଦୁଇ ଦିନ ପୂର୍ବରୁ ସ୍ୱର୍ଗତ ନାୟକ ତାଙ୍କ ପରିବାର ସହ ନବୀନ ନିବାସକୁ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସୂଚନା ଯୋଗ୍ୟ ଯେ ବିଏମ୍‌ସିର ହସ୍ତକ୍ଷେପ କ୍ରମେ ସ୍ୱର୍ଗତ ନାୟକଙ୍କ ପରିବାରକୁ ସେ କାମ କରୁଥିବା ଠିକା ସଂସ୍ଥା ପାଞ୍ଚ ଲକ୍ଷ ଟଙ୍କା ସହାୟତା ସହ ପରିବାରର ଜଣକୁ ଚାକିରି ଦେବାକୁ ଘୋଷଣା କରାଯାଇଥିଲା।

# ରାଜ୍ୟରେ ପ୍ରଥମ: ଡିଜିଟାଲ ପଦ୍ଧତିରେ ଖାତା ମୂଲ୍ୟାୟନ କରିବ ଓପିଏସ୍‌ସି

**କଟକ, ୧୧/୦୧ ନ୍ୟୁଜ ବ୍ୟୁରୋ**
ସ୍ୱଚ୍ଛତା ଓ ତ୍ରୁଟି ରୋକିବାକୁ ନୂଆ ବର୍ଷରେ ନୂତନ ପଦକ୍ଷେପ ନେଇଛି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)। ଆଗକୁ ଆହୁରି ସୁଦୃଢ଼ ହେବ ପରୀକ୍ଷା ପରିଚାଳନା ପ୍ରକ୍ରିୟା। ମୂଲ୍ୟାୟନ ବ୍ୟବସ୍ଥାରେ ହେବ ପରିବର୍ତ୍ତନ। ଏଣିକି ଡିଜିଟାଲ ପଦ୍ଧତିରେ ଖାତା ମୂଲ୍ୟାୟନ କରିବ ଓପିଏସ୍‌ସି। ପୂର୍ବରୁ ରାଜ୍ୟରେ ଓଏମ୍‌ଆର (ଅବଜେକ୍ଟିଭ) ଖାତା ଡିଜିଟାଲ ପଦ୍ଧତିରେ ମୂଲ୍ୟାୟନ ହେଉଥିବାବେଳେ ବିଷୟଭିତ୍ତିକ ଉତ୍ତରଖାତା ବା ସବ୍‌ଜେକ୍ଟିଭ ଉତ୍ତରଖାତା ଡିଜିଟାଲ ପଦ୍ଧତିରେ ମୂଲ୍ୟାୟନ ହେବ। ରାଜ୍ୟରେ ପ୍ରଥମ ସଂସ୍ଥା ଭାବେ ଓପିଏସ୍‌ସି ଏଭଳି ପଦକ୍ଷେପ ଗ୍ରହଣ କରିଛି। ପ୍ରତିବର୍ଷ ଆୟୋଗ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ପରୀକ୍ଷାର ବିଷୟଭିତ୍ତିକ ପ୍ରଶ୍ନ ଉତ୍ତରଖାତାକୁ ସ୍କାନିଂ କରାଯିବା ସହ ପରୀକ୍ଷାର୍ଥୀଙ୍କୁ ମାର୍କ ପ୍ରଦାନ କରାଯିବ। ଏହି ମୂଲ୍ୟାୟନ ନିମନ୍ତେ ସ୍ୱତନ୍ତ୍ର ସ୍କ୍ରିନିଂ ସେଣ୍ଟରର ବ୍ୟବସ୍ଥା କରାଯିବା ସହ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ଓପିଏସ୍‌ସିର ତତ୍ତ୍ୱାବଧାନରେ ସମସ୍ତ ପ୍ରକ୍ରିୟା ହେବ। ପରୀକ୍ଷା ପରେ ଠିକ୍‌ରେ ମୂଲ୍ୟାୟନ ହୋଇଛି କି ନାହିଁ ତାହାର ମଧ୍ୟ ତର୍ଜମା ହେବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ନିରୀକ୍ଷକ ନିୟୋଜିତ ହେବେ। ତର୍ଜମା ପରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇବ। ପରୀକ୍ଷା ଫଳକୁ ନେଇ ଏକ ପ୍ରୋଭିଜନାଲ ଲିଙ୍କ ଜାରି କରାଯିବ। ଯଦି କୌଣସି ପରୀକ୍ଷାର୍ଥୀ ନିଜ ଉତ୍ତରଖାତାର ନକଲ ନେବାକୁ ଚାହିଁବେ, ତାହା ସେମାନଙ୍କୁ ପ୍ରଦାନ କରାଯିବ, କିନ୍ତୁ ଏଥିନିମନ୍ତେ ସେମାନଙ୍କୁ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ। ଏବେ ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଜରି ରହିଛି। ଆସନ୍ତା ୨୭ ତାରିଖ ଟେଣ୍ଡର ଆହ୍ୱାନର ଶେଷ ଅବଧି ଥିବାବେଳେ ୨୮ରେ ଟେଣ୍ଡର ଖୋଲାଯିବ। ଯୋଗ୍ୟ ବିବେଚିତ ସଂସ୍ଥାକୁ ଏହି ଡିଜିଟାଲ ମୂଲ୍ୟାୟନ ପଦ୍ଧତି ପାଇଁ ଦାୟିତ୍ୱ ଦିଆଯିବ ବୋଲି ସୂଚନା ମିଳିଛି। ଓପିଏସସି ପକ୍ଷରୁ ସିଭିଲ ସର୍ଭିସ ପରୀକ୍ଷା ସହ ବିଭିନ୍ନ ବିଭାଗର ଗ୍ରୁପ-ଏ ଏବଂ ଗ୍ରୁପ- ବି ବର୍ଗର ପଦ ପୂରଣ ନିମନ୍ତେ ନିଯୁକ୍ତି ପରୀକ୍ଷା କରିଥାଏ। ରାଜ୍ୟର ଅନ୍ୟ ନିଯୁକ୍ତି ପରୀକ୍ଷା କରୁଥିବା ସଂସ୍ଥା ମଧ୍ୟରୁ ଓପିଏସ୍‌ସିର ପରୀକ୍ଷା ପରିଚାଳନାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯାଇଥାଏ। ପରୀକ୍ଷା ଆରମ୍ଭରୁ ମୂଲ୍ୟାୟନ ପର୍ଯ୍ୟନ୍ତ ଯେଭଳି ସବୁ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଏବଂ ସ୍ୱଚ୍ଛତା ରହିବ ତାହାକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି।

# ସାତକୋଶିଆରେ ସରିଲା କୁମ୍ଭୀର ଗଣନା
## ଅଛନ୍ତି ୮ ମଗର ଓ ୧୧ ଘଡିଆଳ



**ବୌଦ୍ଧ,୧୧/୦୧ ନ୍ୟୁଜ ବ୍ୟୁରୋ**
ବୌଦ୍ଧ ବନଖଣ୍ଡ କୁସଙ୍ଗ ରେଞ୍ଜ ଅନ୍ତର୍ଗତ ମହାନଦୀ ସାତକୋଶିଆ ଗଣ୍ଡରେ ସରିଲା କୁମ୍ଭୀର ଗଣନା। ତିନି ଦିନ ଧରି ଚାଲିଥିବା କୁମ୍ଭୀର ଗଣନା ସରିଛି । ସମୁଦାୟ ୧୯ ଟି କୁମ୍ଭୀର ଥିବା ବେଳେ ୧୧ ଟି ଘଡିଆଳ ଓ ୮ ଟି ମଗର ପ୍ରଜାତିର କୁମ୍ଭୀର ଥିବା ସୂଚନା ମିଳିଛି। ୧୧ ଟି ଘଡିଆଳ ମଧ୍ୟରୁ ୩ ଟି ବଡ ଓ ୮ ଟି ଛୁଆ ଘଡିଆଳ ଥିବା ଜଣାପଡ଼ିଛି। ସେହିପରି ୮ ଟି ମଗର ପ୍ରଜାତିର କୁମ୍ଭୀର ମଧ୍ୟରୁ ୫ ଟି ବଡ ମଗର ଓ ୩ ଟି ଛୁଆ ମଗର ରହିଛନ୍ତି । ସୂଚନା ଅନୁଯାୟୀ, ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁସଙ୍ଗ ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ଚଳିତ ବର୍ଷର କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଚାଲିଥିବା ଏହି କୁମ୍ଭୀର ଗଣନା ସରିଥିବା ନେଇ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି । ମହାନଦୀର ଏହି ଗଣ୍ଡରେ ୨୦୨୪ ମସିହାରେ ୩୫ ଗୋଟି କୁମ୍ଭୀର ଅଣ୍ଡାରୁ ସୁସ୍ଥ ଶାବକ ଜନ୍ମ ନେଇଥିଲେ । ବର୍ଷା ଋତୁ ପୂର୍ବରୁ କୁମ୍ଭୀର ଶାବକ ଅଣ୍ଡାରୁ ଜନ୍ମ ନେଇଥିବାରୁ ନଦୀ ବନ୍ୟାରେ କିଛି ଶାବକ ପ୍ରତି ବର୍ଷ ଅନ୍ୟତ୍ର ଚାଲି ଯାଇଥାନ୍ତି । ପରି ଶେଷରେ ପ୍ରତି ବର୍ଷ ଅବଶିଷ୍ଟାଂଶ କୁମ୍ଭୀରଙ୍କ ବଂଶ ରକ୍ଷା ନେଇ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେଉଛି। ଚଳିତ ବର୍ଷ ରେଞ୍ଜ ଅନ୍ତର୍ଗତ ମାରଡ଼ା ଠାରୁ ଶୀତଳପାଣି, ଶୀତଳପାଣି ଠାରୁ ହରଭଙ୍ଗା ଏବଂ ହରଭଙ୍ଗା ଠାରୁ ଅଏଡା ପର୍ଯ୍ୟନ୍ତ ତିନି ଭାଗରେ ତିନୋଟି ଟିମକୁ ଭାଗ କରାଯାଇ ମାଛ ମରା ଡଙ୍ଗାରେ ନଦୀ ଭିତରେ ଉନ୍ନତ ମାନର କ୍ୟାମେରା, ବାଇନା କୁଲର ଯନ୍ତ୍ର ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଛି । ଏହି ତିନି ଗୋଟି ଟିମ୍‌ରେ ୩ ଜଣ ଫରେଷ୍ଟର, ୩ ଜଣ ଫରେଷ୍ଟ ଗାର୍ଡ ଓ ୬ ଜଣ ସ୍କ୍ୱାର୍ଡ କର୍ମଚାରୀ ସାମିଲଥିଲେ। ତେବେ ଏହି କୁମ୍ଭୀର ଗଣନା କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିବା ବେଳେ ଉକ୍ତ ରେଞ୍ଜ ଅଧୀନରେ ସମୁଦାୟ ୧୯ ଗୋଟି କୁମ୍ଭୀର ଗଣନା କରାଯାଇଛି । ଘଡ଼ିଆଳ ପ୍ରଜାତିର ବଡ଼ ୩ ଗୋଟି, ଛୁଆ ୮ ଗୋଟି ଏବଂ ମଗର ପ୍ରଜାତିର ବଡ଼ ୫ ଗୋଟି ଓ ଛୁଆ ୩ ଗୋଟି ଗଣତି କରାଯାଇଥିବାର ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି ।

# ରାଜଧାନୀରେ ଅବକାରୀ ବିଭାଗର ଚଢଉ ୫ ଗିରଫ

**ଭୁବନେଶ୍ୱର,୧୧/୦୧ ନ୍ୟୁଜ ବ୍ୟୁରୋ**
ଦେଶୀ ମଦ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଅବକାରୀବିଭାଗ ପକ୍ଷରୁ ଚଢଉ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରିଛି ଅବକାରୀ ଟିମ୍ । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ, ଗୋଟିଏ କାର୍ ଏବଂ ଏକ ସ୍କୁଟି ଜବତ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ଏହି ଚଢଉ କରାଯାଇଥିବାର ସୂଚନା ସାମ୍ନାକୁ ଆସିଛି । ସୂଚନା ମୁତାବକ, ଭୁବନେଶ୍ୱରରେ ଦେଶୀ ମଦ ଚୋରା ଚାଲାଣ କରାଯାଉଥିବା ନେଇ ଏକ ବିଶେଷ ସୂତ୍ରରୁ ସୂଚନା ପାଇଥିଲା ଅବକାରୀ ବିଭାଗର ଟିମ୍। ଏହି ସୂଚନା ପାଇ ହଠାତ ଚଢଉ କରିଥିଲା ଟିମ୍। ଚଢଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି । କେବଳ ସେତିକି ନୁହେଁ, ମଦ ଚାଲାଣରେ ବ୍ୟବହୃତ କାର୍ ଓ ସ୍କୁଟିକୁ ମଧ୍ୟ ଜବତ କରିଛି ଅବକାରୀ ଟିମ୍ ।

ADITYA BIRLA
HINDALCO
Aditya Aluminium
(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*




*Aditya means Sun, the Primal source of Light and Energy*

**Registered Office**
One International Center, Tower 4, 21st Floor,
Senapati Bapat Marg, Prabhadevi, Mumbai 400013
Tel: (91-22) 66917000,Fax: (91-22) 66917001
Corporate ID No. L27020MH1958PLC011238

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

## ବଜାରରେ ଉପଲବ୍ଧ...
ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)